# ଜୁନିଅର ରେଡକ୍ରସ ଶିବିର ଉଦ୍‌ଘାଟିତ

ମାଲକାନଗିରି/କାଳିମେଳା,୧୫ ।୧(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ତିନିଦିନିଆ ଜୁନିୟର ରେଡକ୍ରସ ଶିବିର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ପର୍ବରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଉଦବୋଧନ ଦେଇଥିଲା ବେଳେ ବ୍ଲକ ଅଧକ୍ଷା ସୁଭାଷିନୀ ସୋଡ଼ି, ପୂର୍ବତନ



ବିଧାୟକ ମୁକୁନ୍ଦ ସୋଡ଼ି, ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳିମେଳା ପ୍ରଦୀପ କୁମାର କର, ପୂର୍ବତନ ୱାଇ ଆର୍ ସି ଓ ଡ ରଞ୍ଜନ କୁମାର ସ୍ୱାଇଁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇ ,ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଥିଲି ସୁମିତ ବିଶ୍ୱାସ ଆଦି ଅତିଥି ଗଣ ମଞ୍ଚାସୀନ ଥିଲେ। ଏହି ଶିବିରରେ ପ୍ରାୟ ୪୦୦ ଛାତ୍ରଛାତ୍ରୀ ୧୧୧ ଗ୍ରାମ ପଞ୍ଚାୟତର ଅବସ୍ଥିତ ବିଭିନ୍ନ ବିଦ୍ୟାଳୟରୁ ଯୋଗ ଦେଇଥିଲେ। ଯାହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, ଭାରପ୍ରାପ୍ତ ଶାରିରୀକ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ନିରଞ୍ଜନ ମହାରଣା, ପ୍ରମୋଦ ବାରୋଇ, ସନାତନ ପ୍ରଧାନ, ମନୋଜ ମହାପାତ୍ର, ଦୀନବଂଧୁ ବେଜ ପ୍ରମୁଖ। ମଞ୍ଚ ପରିଚାଳନା କରିଥିଲେ ଜେ ଆର ସିଓ ଦେବରାଜ ସେଠୀ। ଏହି ତିନି ଦିନିଆ ଶିବିରରେ ସାହାଯ୍ୟ ପ୍ରଶିକ୍ଷଣ, ରକ୍ତଦାନ ସଚେତନତା, ବିପର୍ଯ୍ୟୟ ପରିଚାଳନା, ପରିବେଶ ସଂରକ୍ଷଣ, ଶ୍ରମଦାନ, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଆଦି ସନ୍ଦର୍ଭରେ ତାଲିମ ଦିଆଯିବ। ଯାହାର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣ, ସମନ୍ୱୟ ଏବଂ ସାମାଜିକ ଦାୟିତ୍ୱବୋଧ ସୃଷ୍ଟି କରିବା ବୋଲି ଉପସ୍ଥିତ ଅତିଥି ମାନେ ପ୍ରକାଶ କରିଛନ୍ତି।

# ଗଞ୍ଜେଇ ଚାଷ ନଷ୍ଟ କଲା ପୁଲିସ

ମାଲକାନଗିରି, ୧୫ ।୧ (ସମିସ):



ମାଲକାନଗିରି ଜିଲ୍ଲାରେ ବେଆଇନ ଭାବେ ଚାଷ ହେଉଥିବା ନୀଳ ଜହର ତଥା ଗଞ୍ଜେଇ ଚାଷକୁ ନଷ୍ଟ କରିଛି ପୁଲିସ। ପ୍ରାୟ ୨୮ ଲକ୍ଷରୁ ଅଧିକ ଟଙ୍କାର ବେଆଇନ ଗଞ୍ଜେଇ ଗଛ କାଟି ଏହାକୁ ପୋଡି ନଷ୍ଟ କରାଯାଇଥିବା ବେଳେ ଏହି ଗଞ୍ଜେଇ ଚାଷ ପଛରେ କିଏ କିଏ ଜଡିତ ଅଛନ୍ତି ତାହାର ମଧ୍ୟ ତନାଘନା କରାଯାଉଛି। ସୂଚନା ଅନୁଯାୟୀ, ମାଲକାନଗିରି ଥାନା ଅନ୍ତର୍ଗତ ବିଏଲପୁର ପଞ୍ଚାୟତ ନିକଟବର୍ତ୍ତୀ ଧାଙ୍ଗଗୁଡା, ଗୋଟିଗୁଡା ଜଙ୍ଗଲରେ ବେଆଇନ ଭାବେ ଗଞ୍ଜେଇ ଚାଷ ହେଉଥିବା ନେଇ ବିଶେଷ ସୂତ୍ରରୁ ପୁଲିସ ଖବର ମିଳିଥିଲା। ଏହାପରେ ଆଜି ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ନିର୍ଦ୍ଦେଶ କ୍ରମେ ସବ୍ ଇନ୍ସପେକ୍ଟର ସର୍ବେଶ୍ୱର ଭୋଇ, ଏଏସଆଇ ଅଜିତ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପୁଲିସ ଟିମ ଉକ୍ତ ଗଞ୍ଜେଇ ଚାଷ ଉପରେ ଚଢ଼ଉ କରିଥିଲେ। ଜଙ୍ଗଲରେ ବେଆଇନ ଭାବେ ହୋଇଥିବା ୧୧ ଏକର ଜଙ୍ଗଲ ଜମିରୁ ୧୬୫୦୦ ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରିବା ସହ ସ୍ଥାନୀୟ ଲୋକଙ୍କୁ ଗଞ୍ଜେଇ ଚାଷ ଠାରୁ ଦୂରେଇ ରହିବାକୁ ସଚେତନ କରିଥିଲେ। ଗତକାଲି ମଧ୍ୟ ସମାନ ରୂପେ ପୁଲିସ ପକ୍ଷରୁ ସିନ୍ଦିରିମାଳ ପଞ୍ଚାୟତସ୍ଥ ଭୀମରଙ୍ଗିଣୀ ଜଙ୍ଗଲରେ ହୋଇଥିବା ୯ ଏକର ଜମିରୁ ୧୨ ହଜାର ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରଯାଇଥିଲା। ଏହି ଦୁଇଦିନର ଚଢ଼ଉରେ ପ୍ରାୟ ୨୮ ଲକ୍ଷ ୫୦ ହଜାର ଟଙ୍କାର ଗଞ୍ଜେଇ ଗଛ କଟାଯାଇ ଏହାକୁ ପୋଡି ନଷ୍ଟ କରାଯାଇଥିବା ନେଇ ଥାନା ଅଧିକାରୀ ଶ୍ରୀ କିଣ୍ଡୋ ସୂଚନା ଦେଇଛନ୍ତି।

# ରୋଷେଇ ଘରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ପରିବାର



ମାଲକାନଗିରି, ୧୫ ।୧(ସମିସ): ପୋଙ୍ଗଲ ପର୍ବ ମଧ୍ୟରେ ଉତ୍ସାହର ସହ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ଅୟୋଜନ ଚାଲିଥିବା ବେଳେ ରୋଷେଇ ଘରେ ଲାଗିଲା ନିଆଁ। ଅଳ୍ପକେ ବର୍ତିଲେ ପରିବାର ଲୋକେ। କିଛି ଏପରି ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ସଦର ମହକୁମାରର ପୁରୁଣା ପୋଷ୍ଟ ଅଫିସ ସାହିରେ। ତେଲୁଗୁ ସମ୍ପ୍ରଦାୟର ଏହି ପୋଙ୍ଗଲ ପର୍ବ ଏକ ବଡ଼ ପର୍ବ ଭାବେ ପାଳନ କରାଯାଇଥାଏ। ଏହି ପୋଙ୍ଗଲରେ ପ୍ରତ୍ୟେକ ତେଲୁଗୁ ସମ୍ପ୍ରଦାୟ ଘରେ ଘରେ ବିଭିନ୍ନ ପ୍ରକାର ପିଠା ତିଆରି ହୁଏ। ଏଥିସହ ଏହି ସଂପ୍ରଦାୟର ଲୋକେ ନୂଆ ପୋଷାକ ପିନ୍ଧି ପୂଜାର୍ଚ୍ଚନା କରିଥାନ୍ତି। ଏହି ସମାନ ରୂପେ ଜିଲ୍ଲା ସଦର ମହକୁମାରର ପୁରୁଣା ପୋଷ୍ଟ ଅଫିସ ସାହିରେ ରହୁଥିବା ବି. ପ୍ରକାଶ ରାଓଙ୍କ ପରିବାର ମଧ୍ୟ ବେଶ୍ ଉତ୍ସାହର ସହ ଏହି ଦିନକୁ ପାଳନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଅଚାନକ ତାଙ୍କ ରୋଷେଇ ଘରେ ନିଆଁ ଲାଗିଯାଇଥିଲା। ଗ୍ୟାସ ଲିକ ହୋଇ ନିଆଁ ଲାଗିବା ପରେ ଅଗ୍ନିଶ୍ରମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ଏହି ନିଆଁରେ ଘରର ଅନେକ ସାମଗ୍ରୀ ପୋଡି ଯାଇଛି।

# ଲମତାଗୁଡା ବିଦ୍ୟାଳୟ କାର୍ଯ୍ୟ ସାରିବାକୁ ବିଡିଓଙ୍କ ଘନ ଘନ ତଦାରଖ

ତେନ୍ତୁଳିଖୁଣ୍ଟି,୧୫।୧(ସମିସ):

ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଲମତାଗୁଡା ସ୍ଥିତ ଉଚ୍ଚ ବିଦ୍ୟାଳୟ କାମ ସାରିବା ନେଇ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ ଘନ ଘନ ତଦାରଖ କରୁଥିବା ସୂଚନା ମିଳିଛି। ଗତ ଦୁଇଦିନ ତଳେ ବିଡିଓ ଲମତା ଗୁଡା ଉଚ୍ଚ ବିଦ୍ୟାଳୟ ଗସ୍ତ କରି ନିର୍ମାଣଧୀନ କାର୍ଯ୍ୟର ତଦାରଖ କରି ଫେରିଥିବା ବେଳେ ଆଜି ପୁଣି ସମ୍ପୃକ୍ତ ବିଦ୍ୟାଳୟ ଗସ୍ତ କରିଥିବା ଦେଖିବାକୁ ମିଳିଛି। ନୂତନ ବିଦ୍ୟାଳୟ ଗୃହ,ପାଚେରୀ ଓ ଶୌଚାଳୟ କାମ ମନ୍ଥର ଗତିରେ ଚାଲିଥିବା ଯୋଗୁଁ ଅଧ୍ୟୟନରତ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବା ବିଷୟକୁ ଦୃଷ୍ଟିରେ ରଖି ବିଡିଓ ଶ୍ରୀ ପାଣିଗ୍ରାହୀ ଘନଘନ ତଦାରଖ କରୁଥିବା ଜଣାପଡିଛି। ଆଜି ବିଡିଓ ସମ୍ପୃକ୍ତ ବିଦ୍ୟାଳୟ ଗସ୍ତ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବିଦ୍ୟାଳୟରେ ଚାଲିଥିବା ଶୌଚାଳୟ କାମ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କେବଳ ଫିନିସିଂ କାମ ବାକି ରହିଛି। ମନରେଗା ଯୋଜନାରେ ବିଦ୍ୟାଳୟ ପାଚେରି ନିର୍ମାଣ କାର୍ଯ୍ୟ ଚାଲୁରହିଛି। ସେହିପରି ବିଦ୍ୟାଳୟ କୋଠରୀ,ଏସବିଏମ ଟଇଲେଟ ଓ ପାଚେରୀ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଦୁଇ ମାସ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ ହେବ। ଏବଂ ନବମ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ନୂତନ ବିଲଡିଂ ରେ ବସି ଅଧ୍ୟୟନ କରିବେ ବୋଲି ବିଡିଓ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ବିଦ୍ୟାଳୟ ସୌନ୍ଦର୍ଯ୍ୟ କରଣ,ସାଇକେଲ ଷ୍ଟାଣ୍ଡ,ଫାଟକ,ପରିବେଷ୍ଟନୀ ଆଦି କାର୍ଯ୍ୟ ସିଏଫସି ଏବଂ ଏସଏଫସି ଫଣ୍ଡ ରୁ କରାଯିବ ବୋଲି ସୂଚନା ମିଳିଛି। ଏହି ସମସ୍ତ ବିଷୟରେ ବିଡିଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ,ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ସରପଞ୍ଚ ସମିତି ସଭ୍ୟ ଙ୍କ ସହ ଆଲୋଚନା କରି ଫେରିଥିବା ଜଣାପଡିଛି।

# ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ



ଚନ୍ଦ୍ରପୁର,୧୫।୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ସଦର ମହକୁମାରେ ଥିବା ପିଏମ୍‌ଶ୍ରୀ ଏସ୍‌ଏସଡି ଉଚ୍ଚ ବିଦ୍ୟାଳୟ ପରିସରରେ ୨୦୨୫-୨୬ ବର୍ଷର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଗଣେଶ ଶବର,ଗୋଷ୍ଠୀ ଶିକ୍ଷା ଅଧିକାରୀ, ଉମାକାନ୍ତ ମିଶାଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସ୍କୁଲ କମିଟି ସଭାପତି ହାଡିବନ୍ଧୁ ବ୍ରେକବେଡ଼ା, ବିଦ୍ୟାଳୟର ଅଧ୍ୟକ୍ଷ, ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ର ଝଲିଆ ମା'ଙ୍କ ନିକଟକୁ ଯାଇ ମଶାଲ ଶୋଭାଯାତ୍ରା ପାଇଁ ଆଜ୍ଞାମାଳ ଆଣିଥିଲେ। ଖେଳ ଆରମ୍ଭ ହେବା ପୂର୍ବରୁ ଅତିଥି ମାନେ ଖେଳ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଇଓ ଶ୍ରୀ ଶବର ପାଠ ସହିତ ଖେଳର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏବିଓ ଶ୍ରୀ ମିଶାଲ୍ ଖେଳ ଏକ ମାଧ୍ୟମ ବୋଲି ପରିପ୍ରକାଶ କଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଗମାଙ୍ଗ ଆଗକୁ ବାର୍ଷିକ ଉତ୍ସବ ଥିବାରୁ ୧୩ ଏବଂ ୧୪ ଦୁଇ ଦିନ ଖେଳ ପ୍ରତିଯୋଗିତା ଆୟୋଜନ କରିଥିଲେ। ଶତାଧିକ ଛାତ୍ର ମାନଙ୍କୁ ନେଇ ଖେଳ ପଡିଆ ଠାରେ ବିଭିନ୍ନ ଖେଳ ତଥା କବାଡି, ହାଇଜମ୍ପ, ଭଲିବଲ୍, ଲଙ୍ଗଜମ୍ପ, କ୍ରିକେଟ୍, ଡିସ୍କସ ଥ୍ରୋ ଅଦି ଖେଳ ଅନୁଷ୍ଠିତ ହେଇଥିଲା। ଗତ ଡିସେମ୍ବର ଶେଷ ଭାଗରେ ଭଲିବଲ ଖେଳରେ ସ୍କୁଲର ଦଶମ ଶ୍ରେଣୀର ଛାତ୍ର ମହେନ୍ଦ୍ର ଜଗେରାଙ୍ଗା ରାଜ୍ୟ ସ୍ତରରେ ଚାମ୍ପିଅନ୍ ହୋଇଥିବାରୁ ଅତିଥିଙ୍କ ଦ୍ୱାରା ତାଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ଅତିଥି ମାନେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଅନ୍ୟ କୃତୀ ଛାତ୍ର ମାନଙ୍କୁ ମାନପତ୍ର ସହିତ ପୁରସ୍କୃତ କରିଥିଲେ। ବିଦ୍ୟାଳୟର କାର୍ଯକ୍ରମଟିକୁ ପ୍ରଥମ ଦିନରେ ପ୍ରଦୀପ ଚୌଧୁରୀ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷକ ମାନେ ସୁନିଲ ମହାନ୍ତି, ଶ୍ରୀକାନ୍ତ ହୋତା, କୁନା କୁମାର ମାଝୀ,ମକର ତୁଇକା, ବଳଭଦ୍ର କୁଟ୍ରୁକା, ରୁଦ୍ର ନାରାୟଣ ବାଗ ଓ ଆନନ୍ଦ ତୁବୃକା ସମସ୍ତ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# କୋରୁକୋଣ୍ଡା ବ୍ଲକରେ 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମ




କୋରୁକୋଣ୍ଡା,୧୫ ।୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟରେ ଆଜି ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଙ୍କିମ ଚନ୍ଦ୍ର ଚାଟାର୍ଜିଙ୍କ ଲିଖିତ ଜାତୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମଗ୍ର ଦେଶ ପାଳନ କରୁଛି। ତେଣୁ ଏହି ଅବସରରେ ଆଜି ବ୍ଲକ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୋରୁକୋଣ୍ଡା ବିଡିଓ ଚଅମୂଲ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି, ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀ, ସାଂସଦ ପ୍ରତିନିଧି ଅକ୍ଷୟ ବିଶ୍ୱାଳ, ମାଲକାନଗିରି ବିଧାୟକ ପ୍ରତିନିଧି ମୁଁୟା ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, କୋରୁକୋଣ୍ଡା ଲ୍ୟାମ୍ପସ ସଭାପତି ସାଲୁ ଖିଲ, ସମିତି ସଭ୍ୟ ପର୍ଶୁରାମ ଖେମୁଣ୍ଡୁଙ୍କ ସମେତ ବ୍ଲକ ଅଧିନ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ପ୍ରଥମେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ ସହ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନଙ୍କ ସମେତ ବହୁ ଲୋକେ ଛିଡା ହୋଇ ବନ୍ଦେ ମାତରମ ସଙ୍ଗୀତ ଗାନ କରିଥିଲେ। ସେହି ସମୟରେ ଏଲଇଡି ମାଧ୍ୟମରେ ବନ୍ଦେ ମାତରମ ଜାତୀୟ ସଙ୍ଗୀତର ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଜାତୀୟ ସଙ୍ଗୀତ ସମ୍ବନ୍ଧରେ ବିଭିନ୍ନ ଆଲୋଚନା କରାଯାଇଥିବା ବେଳେ ପୂର୍ବ ଦିନରେ ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟ ଗୁଡିକରେ ହୋଇଥିବା ଡିବେଟ୍ ଏବଂ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

# ଗରିବଙ୍କୁ ଖାଦ୍ୟ ସାମଗ୍ରୀ ବାଣ୍ଟିଲା ରାୟଗଡ଼ା ନାଗାବଳୀ ଲାୟନ୍ସ କ୍ଲବ୍

ରାୟଗଡ଼ା,୧୫।୧(ସମିସ): ରାୟଗଡ଼ା ନାଗାବଳୀ ଲାୟନ୍ସ କ୍ଲବ୍ ଦ୍ୱାରା ସ୍ଥାନୀୟ ସାଇ ମନ୍ଦିର ନିକଟରେ ବସିଥିବା ଭିକାରୀ ତଥା ଅସହାୟ ଗରିବଙ୍କୁ ଚାଉଳ ଏବଂ ରୋଷଇ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନାଗାବଳୀ ଲାୟନ୍ସ କ୍ଲବ୍‌ର ଚାର୍ଟଡ଼ ପ୍ରେସିଡେଣ୍ଟ



ଡ. ଦୁଷ୍ମନ୍ତ କୁମାର ମହାନ୍ତି ଏବଂ ପ୍ରସନ୍ନ କୁମାର ଗନ୍ତାୟତ, ବିପିନ ବିହାରୀ ବିଶ୍ୱାଳ, ସୁଦର୍ଶନ ପାଢ଼ୀ, କ୍ରୀଷ୍ଣା ସାହାଣୀ, ରୀତା ମିଶ୍ର, ରବି ନାରାୟଣ ଶତପଥି, ଲାବଣ୍ୟ ମୋହନ ପଟ୍ଟନାୟକ, ରାଜେନ୍ଦ୍ର ସାହୁ, ଅଞ୍ଜଳି ପଣ୍ଡା, ରୁବିରାଣୀ କୁଣ୍ଡୁ, ନବ କିଶୋର କୁଣ୍ଡୁ, ଅରୁଣ କୁମାର ପାଣିଗ୍ରାହୀ, ମନ୍ମଥ ତୁଳ ଏବଂ କ୍ଲବର ସଭାନେତ୍ରୀ ଶୁଭ୍ରା ପଣ୍ଡା ସମେତ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ରହି ବଣ୍ଟନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ନାଗାବଳୀ ଲାୟନ୍ସ କ୍ଲବର ଲାୟନ ମାନଙ୍କର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। ଏଠିପୂର୍ବରୁ କ୍ଲବ ଦ୍ୱାରା ରାୟଗଡା ନିକଟସ୍ଥ ଗୁରୁମଗୁଡା ଅଧିବାସୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ସହ ପରିବର୍ତ୍ତୀ ସମୟରେ କମଳ ବଣ୍ଟନ ଏବଂ ରାୟଗଡା ରାମକୃଷ୍ଣ ନଗର ନୂଆ ସାହିର ବାସିନ୍ଦାଙ୍କୁ କମଳ ବଣ୍ଟନ ଓ ବିକଳାଙ୍ଗ ମାନଙ୍କୁ ଆର୍ଥିକ ସାହାଯ୍ୟ ଇତ୍ୟାଦି ଲୋକ ସେବା କାର୍ଯ୍ୟକ୍ରମ କରାଯାଉଥିବାରୁ କ୍ଲବର ଚାର୍ଟଡ୍ ପ୍ରେସିଡେଣ୍ଟ ଭୂୟଶୀ ପ୍ରଶଂସା କରିଛନ୍ତି।

# ରାମଗିରି ମଣ୍ଡିରେ ଆରମ୍ଭ ହେଲା ତଦନ୍ତ

'ସକାଳ' ପ୍ରଭାବ

ବୈପାରୀଗୁଡ଼ା,୧୫।(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ସଦର ମହକୁମା ସ୍ଥିତ ଧାନମଣ୍ଡି ଅବ୍ୟବସ୍ଥାକୁ ନେଇ ଗତକାଲି ଖବର ପ୍ରସାରଣ ପରେ ମଣ୍ଡିରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ବିଭାଗୀୟ ଅଧିକାରୀ। ଆଜି ଏଆରସିଏସ ରଞ୍ଜନ କୁମାର ସାହୁ, ଏସିଏସଓ ପ୍ରିୟମ୍ବଦା ବେହେରା, ବୈପାରୀଗୁଡା ଯୋଗାଣ ନିରୀକ୍ଷକ ସନ୍ତୋଷ ବେହେରା ଓ ଲ୍ୟାମ୍ପସ ଏମଡି ରବିନାରାୟଣ ମିଶ୍ର ପ୍ରମୁଖ ରାମଗିରି ମଣ୍ଡିରେ ପହଞ୍ଚିଥିଲେ। ଚାଷୀଙ୍କ ସହ ଆଲୋଚନା କରି ଫେରିଛନ୍ତି । ଗତ କାଲି ରାମଗିରି ମଣ୍ଡିରୁ କିଛି ଚାଷୀଙ୍କ ଧାନ ଉଠିଛି ।ପୁଣି ଆଜି ଉଠା ଚାଲିଛି ଟାର୍ଗେଟ ଅନୁଯାଇ ସମସ୍ତ ଧାନ ଉଠିବ। କିନ୍ତୁ ଚାଷୀଙ୍କ ଅଭିଯୋଗକୁ ଖଣ୍ଡନ କରି ବିଭାଗୀୟ ଅଧିକାରୀ କହିଛନ୍ତି ଯେ, ମଣ୍ଡିରେ କୌଣସି ବେପାରୀଙ୍କ ଧାନ ଏଣ୍ଟ୍ରି ହୋଇନାହିଁ। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ବୈପାରୀଗୁଡା ବ୍ଲକର ୯ ଟି ମଣ୍ଡିରୁ ମୋଟ ୪ ହଜାର ଚାଷୀଙ୍କ ଠାରୁ ଆଜି ପର୍ଯ୍ୟନ୍ତ ଲକ୍ଷେ ୪୦ ହଜାର କ୍ୱିଣ୍ଟାଲ ଧାନ ଉଠିଲାଣି । ପୁଣି ଏକ ଲକ୍ଷରୁ ଅଧିକ କ୍ୱିଣ୍ଟାଲ ଧାନ ଉଠିବ ବୋଲି ଜଣାପଡିଛି ।

ବୈପାରୀଗୁଡା ବ୍ଲକର ଧାନ କିଣିବା ପାଇଁ ୮ଟି ମିଲର୍ସ ଙ୍କୁ ଦାୟିତ୍ୱ ମିଳିଛି । କିନ୍ତୁ ପଙ୍ଗଲ ପର୍ବ ବାହାନା ଦେଖାଇ ମିଲର୍ସ ମଣ୍ଡିକୁ ଗାଡି ପଠାଉନାହାନ୍ତି । ଫଳରେ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଛି। ଗତ ଦୁଇ ଦିନ ଧରି ବୈପାରୀଗୁଡା ମଣ୍ଡିରେ ଧାନ ଉଠୁନି ।କେବଳ ଗୋଟେ ଦୁଇଟି ନୁହଁ, ସମସ୍ତ ମଣ୍ଡିରେ ଏଭଳି ସମସ୍ୟା ରହିଛି । ଶୀତ କାକରରେ ରାତି ଅନ୍ଧାରରେ ଚାଷୀଙ୍କ କଷ୍ଟକୁ ମଣ୍ଡି ଟେନସନ୍ ଦ୍ୱିଗୁଣିତ କରିଦେଉଛି ବୋଲି ଚାଷୀ ଅଭିଯୋଗ ଆଣିଛନ୍ତି । ତୁରନ୍ତ ଧାନ ଉଠାଯାଉ ବୋଲି ଦାବି କରିଛନ୍ତି ବୈପାରୀଗୁଡା ଅଞ୍ଚଳର ଚାଷୀ।

Wishing 'The Sakala' a very happy
5th Anniversary.
Your commitment to delivering timely & relevant News is a vital service and we look forward to your continued
Success & Growth.
best wishes from
Well Wisher

# ସୁଶାନ୍ତ ନାୟକଙ୍କୁ ଫକୀର ମୋହନ ପତ୍ରିକା ସମ୍ପାଦନା ସମ୍ମାନ



ରାୟଗଡା, ୧୫।୧(ସମିସ): ଫକୀର ମୋହନ ସାହିତ୍ୟ ପରିଷଦ, ବାଲେଶ୍ୱରର ବାର୍ଷିକ ଉତ୍ସବରେ 'ପଞ୍ଚବଟୀ' ପତ୍ରିକାର ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କୁ ସମ୍ପାଦନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫକୀର ମୋହନ ପତ୍ରିକା ସମ୍ପାଦନା ସମ୍ମାନ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ସୁବାଷଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପ୍ରଖ୍ୟାତ କଥାକାର ତରୁଣକାନ୍ତି ମିଶ୍ର, ବରେଣ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ବିଶିଷ୍ଟ ଗାଳ୍ପିକ ରାମଚନ୍ଦ୍ର ବେହେରା ଯୋଗଦେଇ ଶ୍ରୀ ନାୟକଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ଶ୍ରୀ ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରିଥିବାରୁ ଫକୀର ମୋହନ ସାହିତ୍ୟ ପରିଷଦକୁ ରାୟଗଡା ଜିଲ୍ଲାର ସାହିତ୍ୟିକମାନେ କୃତଜ୍ଞତା ଜଣାଇବା ସହ କବି ସୁଶାନ୍ତ ନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ନାୟକ ଦୀର୍ଘ ପଚିଶ ବର୍ଷରୁ ଉର୍ଦ୍ଧହେଲା ପଞ୍ଚବଟୀ ପତ୍ରିକାର ସମ୍ପାଦନା କରି ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅଭିବୃଦ୍ଧି ପାଇଁ କାର୍ଯ୍ୟ କରି ଆସୁଛନ୍ତି। ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା, କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ଆବାହକ ଡ଼. ବିଜୟାନନ୍ଦ ସିଂହ, ବିଶିଷ୍ଟ ସାହିତ୍ୟିକ ଅରବିନ୍ଦ ରାୟ, ବିମଳ ଜେନା,ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ଅପୂର୍ବାର ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପତି, ରେବତୀର ସମ୍ପାଦକ କୃଷ୍ଣ କୁମାର ମହାନ୍ତି, ଅକ୍ଷାଂଶର ସମ୍ପାଦକ ଡ଼. ହରିଶ୍ଚନ୍ଦ୍ର ବେହେରା, ସୁବର୍ଣ୍ଣଶ୍ରୀ ର ସମ୍ପାଦକ କାଳୀପଦ ପଣ୍ଡା, ବିଶିଷ୍ଟ ଶିକ୍ଷାବିତ ଡ. ଦୁଷ୍ମନ୍ତ କୁମାର ମହାନ୍ତି, କବି ପ୍ରୀତିଧାରା ସାମଲ, ମନୋଜ ମେହେର, ରବି ଶତପଥି, କମଳାକୃଷ୍ଣ ତ୍ରିପାଠୀ, ଅନୁବାଦକ ବିଜୟ କୁମାର ପ୍ରଧାନ, ଆଶୁତୋଷ ପାତ୍ର, ବିଶିଷ୍ଟ ସ୍ତମ୍ଭକାର ଡ଼. ଦ୍ୱିତୀଚନ୍ଦ୍ର ସାହୁ, କବି ତଥା ସ୍ତମ୍ଭକାର ସତ୍ୟନାରାୟଣ ଗନ୍ତାୟତ,ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼. ପ୍ରସନ୍ନ କୁମାର ଗନ୍ତାୟତ, ସେଞ୍ଚୁରୀୟାନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ଼. ରାଜେଶ କୁମାର ପାଢ଼ୀ, ସାହିତ୍ୟିକ ନିରଞ୍ଜନ ନାୟକ, ରୁପେଶ ସାହୁ, ବିପିନ ବିହାରୀ ବିଶ୍ୱାଳ, ପ୍ରାଣକୃଷ୍ଣ ପାଣିଗ୍ରାହୀ, ଅଶ୍ୱିନୀ ତ୍ରିପାଠୀ, ରମେଶ ମିଶ୍ର, ତ୍ରିନାଥ ଖାଡ଼ଙ୍ଗା,ଶ୍ରୀଧର ପଟ୍ଟନାୟକ, ବିମଳଚାନ୍ଦ ପଟ୍ଟନାୟକ, ଶିବପ୍ରସାଦ ମିଶ୍ର, ନୀଳମଣି ପାଟଯୋଶୀ, ଡ଼. ଗୌରାଙ୍ଗ ରାଉତ, ଅକ୍ଷୟ ମଲ୍ଲିକ, ଦେବେନ୍ଦ୍ର କୁମାର ବାଉରୀ, ପ୍ରଫେସର କୃଷ୍ଣପ୍ରିୟା ସାହାଣୀ, ବିଶିଷ୍ଟ ଗବେଷକ ଶ୍ରୀରଙ୍ଗ ନାୟକ ପ୍ରମୁଖ ଶ୍ରୀ ନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ପରିତ୍ୟକ୍ତ ଅବସ୍ଥାରେ ଶବ ବ୍ୟବଚ୍ଛେଦ ଗୃହ



କୋଷାଗୁମୁଡା,୧୪।୧(ସମିସ): ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକ ସଦର ମହକୁମାରେ ଥିବା ଶବ ବ୍ୟବଚ୍ଛେଦ ଗୃହ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଶବ ବ୍ୟବଚ୍ଛେଦ ବେଳେ ସମ୍ପର୍କୀୟ ଓ ଡାକ୍ତରଙ୍କ ଉପରେ କେତେବେଳେ ଯେ ଘରର ଛାତ ଖସିପଡ଼ିବ କହି ହେଉ ନାହିଁ। ଏହି ଶବ ବ୍ୟବଚ୍ଛେଦ ଗୃହଟି ବହୁ ବର୍ଷରୁ ମରାମତି ହୋଇନାହିଁ। ଘରର ଚତୁର୍ପାର୍ଶ୍ୱରେ ଅନାବନା ଘାସ, ଲଟା ସବୁ ଉଠି କୃତ୍ରିମ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଗୃହର ଚତୁର୍ପାର୍ଶ୍ୱର୍ ଅଳିଆ ଆବର୍ଜନାରେ ଭରି ରହିଛି। ଏହା ବ୍ୟତୀତ ଶବ ଗୃହରେ ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ ସ୍ଥାନୀୟ ଲୋକେ ସନ୍ଧ୍ୟା ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି କୋଷାଗୁମୁଡା ଶବ ଗୃହରେ ଶବ ବ୍ୟବଚ୍ଛେଦ ପାଇଁ କୌଣସି ଶବ ବ୍ୟବଚ୍ଛେଦକାରୀ ନାହାନ୍ତି। ଫଳରେ ସ୍ଥାନୀୟ ଲୋକେ ବହୁତ ହଇରାଣ ହେଉଛନ୍ତି। ନବରଙ୍ଗପୁରରୁ ଜଣେ ବ୍ୟକ୍ତି ଆସି ସବୁବେଳେ ଶବ ବ୍ୟବଚ୍ଛେଦ କରୁଥିବାରୁ ବେଳେବେଳେ ତାଙ୍କ ଆସିବାରେ ବିଳମ୍ବ ହେଲେ କିମ୍ବା କୌଣସି କାରଣ ବଶତଃ ଆସି ନପାରିଲେ ଦିନ ଦିନ ଧରି ମରଶରୀର ଶବ ଗୃହରେ ଗଳିତ ଭାବେ ପଡିରହୁଛି। ଯେଉଁଥିପାଇଁ ସ୍ଥାନୀୟ ଲୋକେ ବଡ଼ ସମସ୍ୟା ଦେଇ ଗତି କରୁଛନ୍ତି। ତେଣୁ ପ୍ରଶାସନ ତତ୍ପରତା ଦେଖାଇ କୋଷାଗୁମୁଡା ଶବ ଗୃହରେ ଜଣେ ସ୍ଥାନୀୟ ଲୋକଙ୍କୁ ଶବ ବ୍ୟବଚ୍ଛେଦ ପାଇଁ ନିଯୁକ୍ତି କରିବା ସହିତ ନୂତନ ଘର ନିର୍ମାଣ ତଥା ପରିବେଶ ସଫାସୁତରା କରିବା, ବିଦ୍ୟୁତ ସଂଯୋଗ କରିବା ଓ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଆସୁଛନ୍ତି। ଏହି ଘଟଣାକୁ ନେଇ ତିନି ବର୍ଷ ହେବ ଜିଲ୍ଲାପାଳଙ୍କୁ ସ୍ଥାନୀୟ ଜନସାଧାରଣ ଜନଶୁଣାଣି ଶିବିର କୋଷାଗୁମୁଡା ଠାରେ ଲିଖିତ ଭାବେ ଦେଇଥିଲେ ମଧ କିଛି ସୁଫଳ ମିଳୁନାହିଁ।

# ଖରକି ରାସ୍ତା ସମସ୍ୟା ସମାଧାନ

## ବିଧାୟକ, ପ୍ରଶାସନ ଓ ଗ୍ରାବାସୀଙ୍କ ଆଲୋଚନା

ପାପଡାହାଣ୍ଡି,୧୫।୧ (ସମିସ)

ଖରକି ଗ୍ରାମବାସୀଙ୍କ ରାସ୍ତା ସମସ୍ୟାର ଅନ୍ତ ଘଟଇଛନ୍ତି ବିଧାୟକ। ଗ୍ରାମବାସୀ ବହୁ ଦିନରୁ ବ୍ଲକ କାର୍ଯ୍ୟାଳୟଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପାଖରେ ବହୁ ଗୁହାରି କରିଥିଲେ। ତାହା ସହ ଏମ୍‌ବିପିଏଲ କମ୍ପାନୀକୁ ମଧ ଗୁହାରି କରି ଆସୁଥିଲେ । କିନ୍ତୁ ସମସ୍ୟାର ସମାଧାନ ହୋଇପାରୁନଥିଲା। ଆଜି ଡାବୁଗାଁ ବିଧାୟକ ମୋନହର ରନ୍ଧାରୀଙ୍କ ହସ୍ତକ୍ଷେପ ପରେ ବାଇପାସ ରାସ୍ତାର ସ୍ଥାୟୀ ସମାଧାନର ବାଟ ବାହାରିଛି। ସୂଚନା ପ୍ରକାରେ ଖରକି ଗ୍ରାମର ଲୋକେ ଭାରତମାଳା ରାସ୍ତା ନିର୍ମାଣ ଦିନଠୁ ବାଇପାସ ରାସ୍ତା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହୋଇ ଆସୁଥିଲେ। ଏନେଇ ଗ୍ରାମବାସୀ ବହୁ ସରକାରୀ କାର୍ଯ୍ୟାଳୟ ଯାଇ ନିରାଶ ହୋଇଥିଲେ। ଆଜି ଘଟଣା ସ୍ଥଳରେଡାବୁଗାଁ ବିଧାୟକ ମୋନହର ରନ୍ଧାରୀ ଉପସ୍ଥିତ ରହି ସମସ୍ୟାର ସମାଧାନର ବାଟ କାଢ଼ିଛନ୍ତି। ଭାରତମାଳା ରାସ୍ତା ଖରକି ଗ୍ରାମ ଦେଇ ଯାଉଛି। ଖରକି ଗ୍ରାମର ଜନବସତି ରାସ୍ତାର ଏକ ପାଖରେ ଥିବା ବେଳେ ରାସ୍ତାର ଅନ୍ୟ ପାଖରେ ଚାଷ ଜମି ରହିଛି। ଫଳରେ ଚାଷ ଜମି ଯିବାକୁ ବାଇପାସ ରାସ୍ତା ବ୍ରିଜ ସଂଖ୍ୟା ୨୨୫/୭ ନିର୍ମାଣ କରାଯାଇଥିଲା । କିନ୍ତୁ ସେହି ବ୍ରିଜ ତଳେ ତିନି ଫୁଟ ମାଟି ରହିଯାଉଥିଲା ଏବଂ ଏହାସହ ପାଣି ଚାରିଫୁଟ ରହିଯାଉଥିଲା ଫଳରେ ଗ୍ରାମବାସୀ ସେମାନଙ୍କ ଚାଷ ଜମିକୁ ଯାଇପାରୁନଥିଲେ।



ଚାଷ ଜମିକୁ ଯିବାକୁ ହେଲେ ୭ କିଲୋମିଟର ଯିବାକୁ ପଡୁଥିଲା। ଯଦ୍ୱାରା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ଗ୍ରାମବାସୀ ହେଉଥିଲେ। ଆଜି ବିଧାୟକ ଏନଏଚଏ ଆଇ ଡେପୁଟି ମେନେଜର ବରୁଣ କୁମାର , ଉପଜିଲ୍ଲାପାଳ ପ୍ରକାଶ ମିଶ୍ର , ସାଇଡ ମେନେଜର ଅମିତେଶ ସାହା, ପାପଡାହାଣ୍ଡି ତହସିଲଦାର ତପନ କୁମାର ନାୟକ , ପାପଡାହାଣ୍ଡି ଉପାଧକ୍ଷ ସୁଶାନ୍ତ କୁମାର ବେହେରା , ବିଧାୟକ ପ୍ରତିନିଧି ରଜନୀକାନ୍ତ ସସମାଲ , ଶିବ ପ୍ରସାଦ ଅଗ୍ରୱାଲ ଏବଂ ଗ୍ରାମ ବାସୀଙ୍କ ମିଳିତ ବୈଠକରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ଏବଂ ଆଗାମୀ ଭବିଷ୍ୟତରେ କୌଣସି ସମସ୍ୟା ରହିବ ନାହିଁ ବୋଲି ଏନ୍‌ଏଚ୍‌ଏଆଇ ଡେପୁଟି ମ୍ୟାନେଜର ବରୁଣ କୁମାର କହିଥିଲେ। ଏହାପରେ ସ୍ଥାନୀୟ ଗ୍ରାମବାସୀ ବିଧାୟକଙ୍କୁ ଧନ୍ୟବାଦ ଦେଇଥିଲେ।

# ମାଟ୍ରିକ୍ ସାର୍ଟିଫିକେଟ୍ ସଂଶୋଧନ ପାଇଁ ବାରଦୁଆର ଛାତ୍ରଙ୍କ ପରିବାର

## ଅଧିକାରୀଙ୍କୁ ଗୁହାରି କରି ବି ସୁଫଳ ମିଳୁନି

ମୁନିଗୁଡ଼ା,୧୫।୧(ସମିସ): ମାଟ୍ରିକ ସାର୍ଟିଫିକେଟ୍ ସଂଶୋଧନ ପାଇଁ ବାରଦୁଆର ଶୁଣିପିଣ୍ଡା ହେଉଛନ୍ତି ଛାତ୍ରଙ୍କ ପରିବାର। ଅଧିକାରୀଙ୍କୁ ଗୁହାରି କରି ବି କୌଣସି ସୁଫଳ ମିଳୁନାହିଁ ତେଣୁ ଭବିଷ୍ୟତ ନେଇ ହତୋତ୍ସାହିତ ହୋଇଛନ୍ତି ଛାତ୍ର ଓ ତାଙ୍କ ପରିବାରର ଲୋକେ। ସୂଚନା ଅନୁସାରେ ମାଟ୍ରିକ ସାର୍ଟିଫିକେଟରେ ଲେଖା ଯାଇଥିବା ଭୁଲ ଜନ୍ମ ତାରିଖକୁ ସଂଶୋଧନ କରିବା ପାଇଁ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ୍ ଜଗଦଲପୁର ପଞ୍ଚାୟତ ନାରିଙ୍ଗପଙ୍ଗା ଗ୍ରାମର ଧନୀ ପୁଷିକା ଓ ତାଙ୍କ ଭାଇ ଗୌରାଙ୍ଗ ପୁଷିକା ଦୀର୍ଘ ଦିନ ହେଲା ସରକାରୀ ଦପ୍ତର ଦୌଡୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ସାନ୍ତ୍ୱନା ଦେବା ପରିବର୍ତ୍ତେ ହତୋତ୍ସାହ କରି ମାନସିକ ଯନ୍ତ୍ରଣା ଦେଉଥିବା ଅଭିଯୋଗ ଆଣିଛନ୍ତି ଛାତ୍ରଙ୍କ ଭାଇ। ଛାତ୍ରଙ୍କ ଭାଇ ଗୌରାଙ୍ଗ ପୁଷିକା ଗତ ୨ ବର୍ଷ ହେଲା ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଓ),ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ),ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ପାଖକୁ ବାରମ୍ବାର ଯାଇ ମାଟିକ୍ ସାର୍ଟିଫିକେଟରେ ହୋଇଥିବା ଭୁଲକୁ ସଂଶୋଧନ କରିବା ପାଇଁ ଲିଖିତ ଅନୁରୋଧ କରିଥିଲେ। ଏଥିପ୍ରତି କେହି ଦୃଷ୍ଟି ଦେଉନଥିବା ଅଭିଯୋଗ କରିଛନ୍ତି ଗୌରାଙ୍ଗ। ଅଧିକାରୀଙ୍କ ଠାରୁ ନିରାଶ ହେବାପରେ ଗୌରାଙ୍ଗ ତାଙ୍କ ସାନ ଭାଇଙ୍କ ସାର୍ଟିଫିକେଟ ସଂଶୋଧନ କରିବା ପାଇଁ ଏକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ତତ୍କାଳୀନ ଜିଲ୍ଲାପାଳ ପାରୁଲ ପଟୱାରିଙ୍କୁ ସାକ୍ଷାତ କରି ନିରାଶ ହୋଇଥିଲେ। ବର୍ତ୍ତମାନର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିକଟକୁ ଉକ୍ତ ଅଭିଯୋଗ ନେଇ ଯାଇଥିବା ବେଳେ ସେଠାକାର କର୍ମଚାରୀ ମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଦେଇନଥିବା ଅଭିଯୋଗ କରିଛନ୍ତି । ବିଦ୍ୟାଳୟ ପ୍ରଧାନଶିକ୍ଷକ ତାଙ୍କୁ ହତୋତ୍ସାହ କରୁଥିବା ଅଭିଯୋଗ ଆଣିଛନ୍ତି ଗୌରାଙ୍ଗ ପୁଷିକା। କିଛିଦିନ ତଳେ ପ୍ରଶାସନ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କଠାରୁ କୌଣସି ସାହାଯ୍ୟ ନ ପାଇବା ପରେ ଗୌରାଙ୍ଗ ପୁଷିକା ଆମ୍ବାଦଳା ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନମୂର୍ତ୍ତିଙ୍କୁ ଭେଟି କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ପ୍ରଧାନଶିକ୍ଷକ ବାମନମୂର୍ତ୍ତି ଗୌରାଙ୍ଗ ବିଧାୟକ କି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଗଲେ କେହି ସାର୍ଟିଫିକେଟ ସଂଶୋଧନ କରିପାରିବେନି ବୋଲି କହିଥିଲେ। ଏ ନେଇ ବିଷମକଟକ ବିଧାୟକ ନୀଳମାଧବ ହିକକାଙ୍କ ପ୍ରତିକ୍ରିୟା ନେବାରୁ ଉକ୍ତ ଛାତ୍ର ଓ ତାଙ୍କ ସମ୍ପର୍କୀୟ ମାନେ ତାଙ୍କୁ ଏ ବିଷୟରେ ଅବଗତ କରିଛନ୍ତି। ଅବହେଳା କରୁଥିବା ବିଦ୍ୟାଳୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇବି ବୋଲି କହିଛନ୍ତି । ପୁଷିକାଙ୍କ ସାନ ଭାଇ ଧନୀ ପୁଷିକା ଗତ ୨୦୨୪ ମସିହାରେ ମାଟ୍ରିକ ପରୀକ୍ଷାରେ ପାସ ହୋଇଥିଲେ । ବୋର୍ଡ ପକ୍ଷରୁ ପ୍ରଦାନ କରାଯାଇଥିବା ସାର୍ଟିଫିକେଟରେ ତାଙ୍କର ଜନ୍ମ ତାରିଖ ୧।୭।୨୦୧୦ ଲେଖାଯାଇଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଟିସିରେ ୧୨।୭।୨୦୧୦ ଲେଖାଯାଇଛି । ଏଭଳି ଭୁଲ ହୋଇଥିବା ଯୋଗୁଁ କଲେଜ କର୍ତ୍ତୃପକ୍ଷ ଧନୀର ସାର୍ଟିଫିକେଟ ସଂଶୋଧନ କରିବାକୁ କହିଥିଲେ। ନାମ ଲେଖା ସମୟରେ ଲିଭିଂ ସାର୍ଟିଫିକେଟ ଅନୁସାରେ ସଂଶୋଧନ କରିବା ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱ। ହେଲେ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁଁ ଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଯାଉଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଭୋଗ ମଣ୍ଡପ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଚନ୍ଦାହାଣ୍ଡି,୧୫।୧(ସମିସ) ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସନ୍ଧିମୁଣ୍ଡା ଶିବ ମନ୍ଦିର ପ୍ରାଙ୍ଗଣରେ ଭୋଗ ମଣ୍ଡପ ପାଇଁ ବିଭାଗ ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ ମସିହାରେ ବିକଶିତ ଗାଁ, ବିକଶିତ ଓଡ଼ିଶାରେ ୫ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲା। ବିନା ସୂଚନାଫଳକରେ ବର୍ତ୍ତମାନ ଉକ୍ତ ନିର୍ମାଣ କାର୍ଯ୍ୟ ଚାଲିଛି, ସମ୍ପୂର୍ଣ୍ଣ ହେଉନି। ଢଳାଇ ବେଳେ ମିକ୍ସଚର ମେସିନ ବ୍ୟବହୃତ ହେଉନଥିବା, ଇଷ୍ଟିମେଟ ମୁତାବକ ବାଲି, ଚିପ୍ସ ଓ ସିମେଣ୍ଟ ପକାଯାଉନଥିବା, ବାଲି ଅଂଶ ଅଧିକ ରହୁଥିବା, ଗୋଡି, ରଡ଼ ବାହାରି ପଡ଼ିବା ଏବଂ ପିଲାର ସବୁ ସିଧା ବଦଳରେ ତେଢା ଦିଶୁଛି। ନିମ୍ନମାନର ସାମଗ୍ରୀ ବ୍ୟବହାର କରି ଅର୍ଥ ହଡ଼ପ କାର୍ଯ୍ୟ ହେଉଥିବା ଆଜି କିଛି ଶିବ ମନ୍ଦିରକୁ ଆସୁଥିବା ଭକ୍ତ ତଥା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀ, କନିଷ୍ଠ ଯନ୍ତ୍ରୀଙ୍କ ଦେଖା ନାହିଁ । କାଁ ଭାଁ ଉପସ୍ଥିତିରେ ସମ୍ପାଦିତ ହେଉଛି ବିଭାଗୀୟ ଉନ୍ନୟନ କାର୍ଯ୍ୟ। ବର୍ତ୍ତମାନ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଏହି ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ ନେଇ। ବିନା ସୂଚନା ଫଳକରେ ଏବଂ ଏଭଳି ନିମ୍ନମାନର କାର୍ଯ୍ୟ ଯୋଗୁଁ କେତେବେଳେ ଯେ ମନ୍ଦିର ପ୍ରାଙ୍ଗଣରେ ଅଘଟଣ ଘଟିବ କହିହେବ ନାହିଁ । ଏନେଇ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ ପଟନାୟକଙ୍କୁ ଯୋଗାଯୋଗ କରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ ଗ୍ରାମରେ ଉଭୟ ଗୋଷ୍ଠୀ ରହିଥିବା କହି ଚାଲି ଯାଇଥିଲେ। ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରିବାକୁ ଦାବି ହେଉଛି।



# ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ନନ୍ଦପୁର, ୧୫।୧ (ସମିସ): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ଅଧିନସ୍ଥ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପୋଷ୍ୟ ଗ୍ରାମ ଦୁର୍କାପୁଟ ଠାରେ ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଅମର କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଡାକ୍ତର ଦେବରାଜ ତ୍ରିପାଠୀ, ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ ଓ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ କିଶୋର ଚନ୍ଦ୍ର ବେହେରା ଯୋଗଦେଇ ସମାଜ ଓ ରାଷ୍ଟ୍ର ଗଠନରେ ଛାତ୍ରଛାତ୍ରୀ ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ପୋଷ୍ୟ ଗ୍ରାମର ଜନସାଧାରଣ କିପରି ସୁବିଧା ସୁଯୋଗ ପାଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ମଞ୍ଚାସୀନ ଅତିଥି ମାନେ ପରାମର୍ଶ ଦେଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ସମସ୍ତ ଶିବିରାର୍ଥୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ କୁମାର ହନ୍ତାଳ ଶିବିରକୁ ପରିଚାଳନା କରିଥିଲାବେଳେ ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ସୁରଭି ପାଣିଗ୍ରାହୀ, ଅର୍ଚ୍ଚନା ପାଢ଼ୀ, ଭଗବାନ ଖରା, ନରସିଂହ ଖୋସଲା, ବାବୁଲା ଚାଙ୍ଗୁଡିଆ, ସନ୍ତୋଷ କୁମାର ଦୋରା, ପଦଲାମ ଗଲି, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




# ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

କୋଟପାଡ଼, ୧୫।୧ (ସମିସ): କୋଟପାଡ଼ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋଟପାଡ଼ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି କୋଟପାଡ଼ ବିଧାୟକ ରୁପୁ ଭତରା, କୋଟପାଡ଼ ଏନଏସି ଅଧକ୍ଷ ଏମ ଶଙ୍କର ରାଓ, ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ଚନ୍ଦ୍ରଶେଖର ଦାସ, ପ୍ରଦୀପ ରଥ, ବିଧାୟକ ପ୍ରତିନିଧି ବିନାୟକ ଆଚାର୍ଯ୍ୟ, ବ୍ଲକ ଅଧକ୍ଷା କମଳା ଭତରା, କୋଟପାଡ଼ ବ୍ଲକଶିକ୍ଷା ଅଧିକାରୀ ସ୍ୱପ୍ନେଶ୍ୱର ନାୟକ, ଏସଏମ୍‌ସି ଅଧକ୍ଷ ଗୋକୁଳ ଚନ୍ଦ୍ର ପାଢ଼ୀ, ପ୍ରଧାନ ଶିକ୍ଷୟତ୍ରୀ ସବିତା ରାଣୀ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅତଶ୍ରୀ ରାୟ ପରିଚାଳନା କରିଥିବା ବେଳେ ସୌମ୍ୟ ରଞ୍ଜନ ରଥ, ଡୋଲୀ ହନ୍ତାଳ, ଅନିତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ଖେଳ, ବିଜ୍ଞାନ, ପ୍ରବନ୍ଧ, ଚିତ୍ରାଙ୍କନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉନ୍ନତ ପଦର୍ଶନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ।

# ବିଏସପିର ଜନକଲ୍ୟାଣକାରୀ ଦିବସ ପାଳିତ



ରାୟଗଡା,୧୫।୧(ସମିସ): ଜନକଲ୍ୟାଣକାରୀ ଦିବସ ପାଳନ ଅବସରରେ ଶକ୍ତି ଦେଖାଇଲା ବିଏସପି। ଆଜି ରାୟଗଡା ଠାରେ ବହୁଜନ ସମାଜ ପାର୍ଟି ତାର ଶକ୍ତି ପ୍ରଦର୍ଶନ କରିଛି। 'ଏଥର ପରିବର୍ତ୍ତନ,ବହୁଜନ ଶାସନ ଆଉ ଶାସକ ବହୁଜନ" ନାରାରେ କମ୍ପିଲା ସଭା । ଏଭଳି ଦୃଶ୍ୟ ଆଜି ଦେଖିବାକୁ ମିଳିଛି ରାୟଗଡା ସଦର ଠାରେ ଓ ବହୁଜନ ସମାଜ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କୁମାରୀ ମାୟାବତୀଙ୍କ ଜନ୍ମଦିନ ପାଳନ ଅବସରରେ ଦଳ ରାୟଗଡା ଜିଲ୍ଲା ଠାସଦର ମହାକୁମାରେ ଆୟୋଜିତ ସମାବେଶରେ ତାର ଶକ୍ତି ପ୍ରଦର୍ଶନ କରିଛି। ରାୟଗଡା ସଦର ସ୍ଥିତ ତେଜସ୍ୱୀ ପଡିଆ ଠାରେ ଆଜିର ଏହି ଦିନକୁ ରାଜ୍ୟ ପ୍ରଭାରୀ ଜିତୁ ଜାକାଶିକା, ରାଜ୍ୟ ସଭାପତି ସରୋଜ ନାୟକ, ଜିଲ୍ଲା ସଭାପତି ପୁର୍ଣ୍ଣ ଚନ୍ଦ୍ର ଟାକ୍ରୀ, ଜିଲ୍ଲା ପ୍ରଭାରୀ ରାମଦାସ ଟାକ୍ରୀଙ୍କ ନେତୃତ୍ୱରେ ପାଳନ କରାଯାଇଥିଲା ଓ ମୁଖ୍ୟ ଅତିଥି ରୂପେ କେନ୍ଦ୍ରୀୟ ସଂଯୋଜକ ଡକ୍ଟର ଲାଲଜୀ ମେଧାଙ୍କର ଯୋଗ ଦେଇଥିଲେ। ରାଜ୍ୟ ପ୍ରଭାରୀ ଜିତୁ ଜାକାଶିକା ଉଦବୋଧନ ଦେଇଥିଲେ। ଏବେ ନାହିଁ ତ କେବେ ନାହିଁ ବୋଲି କହିଛନ୍ତି ବହୁଜନ ସମାଜ ପାର୍ଟି ଜିଲ୍ଲା ସଭାପତି ପୁର୍ଣ୍ଣ ଟାକ୍ରୀ ଓ ନିକଟରେ ବହୁଜନ ସମାଜ ପାଟ ରେ ଯୋଗ ଦେଇଥିବା ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲାଙ୍କ ଅଭିଭାଷଣ ଶୁଣିବା ପାଇଁ ଲୋକଙ୍କ ମଧ୍ୟରେ ଅଭୁତ ଉତ୍ସାହ ଦେଖିବାକୁ ମିଳିଥିଲା। ଆଜିର ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ସମସ୍ତ କୋଣ ଅନୁକୋଣରୁ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିବା ବେଳେ ବହୁଜନ ସମାଜ ପାର୍ଟିର ରାଜ୍ୟ ସମ୍ପାଦିକା ସୁନିତା ବିଡ଼ିକା, ଏସଟି ସେଲ ସଭାପତି ଶ୍ରୀପତି ଉଲାକା, ଏସସି ସେଲ ସଭାପତି କ୍ଷୀର ବାଗ, ବିଶିକେସନ ଟାକ୍ରୀଙ୍କ ସମେତ ସମସ୍ତ ଦଳୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ।

# ଇଣ୍ଟର କଲେଜ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

କୋଟପାଡ଼,୧୫।୧ (ସମିସ):

କୋଟପାଡ଼ ମହାବିଦ୍ୟାଳୟ ଠାରେ ଇଣ୍ଟର କଲେଜ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଉଦ୍‌ଯାପିତ ଦିବସରେ ମୁଖ୍ୟ ଅତିଥି କୋଟପାଡ଼ ଏନଏସି ଅଧକ୍ଷ ଏମ ଶଙ୍କର ରାଓ, ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ଚନ୍ଦ୍ରଶେଖର ଦାସ, ଗଣେଶ ଚନ୍ଦ୍ର ପଣ୍ଡା, ମହାବିଦ୍ୟାଳୟ ଅଧକ୍ଷ ଡ. ଶେଷାନନ୍ଦ ମିଶ୍ର ସମ୍ମାନିତ ଅତିଥି ବିକ୍ରମ ବିଶ୍ୱବିଦ୍ୟାଳୟର ସ୍ପୋର୍ଟ୍ସ କାଉନ୍‌ସିଲ ସମ୍ପାଦକ ଭାଗବତ ପ୍ରସାଦ ସିଂ, ଭାରତ ମିଡ଼ିଆ ଅଜୟ ମିଶ୍ରଙ୍କ ଉପସ୍ଥିତରେ ଉଦ୍‌ଯାପିତ ହୋଇଥିଲା। କୋରାପୁଟ ଜିଲ୍ଲା କୋଟପାଡ଼ ଠାରେ ପ୍ରଥମ କରିହେଉଥିବା ଏହି ଟୁର୍ନାମେଣ୍ଟକୁ ବିଭିନ୍ନ ବୁଦ୍ଧିଜୀବୀ ମୋହଲରେ ସ୍ୱାଗତ ଓ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଥିଲା। ଫାଇନାଲ ମ୍ୟାଚରେ ରାୟଗଡା ମହାବିଦ୍ୟାଳୟ ଓ ଜୟପୁର ବିକ୍ରମ ଦେବ ୟୁନିଭେର୍ସିଟି ମଧ୍ୟରେ ହୋଇଥିଲା ଏବଂ ମ୍ୟାଚରେ ରାୟଗଡ଼ା ମହାବିଦ୍ୟାଳୟ ବିଜୟୀ ହୋଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଆକାଶ ପତି ପରିଚାଳନା କରିଥିବା ବେଳେ,ଖେଳ ପ୍ରତିଯୋଗିତା ଭଲିବଲ କୋଚ ମନରଞ୍ଜନ ଦାସ ଓ ମନୋଜ ପାତ୍ର, ଶିକ୍ଷୟତ୍ରୀ ପ୍ରଭାସିନୀ ଲିମାଲ ପରିଚାଳନା କରିଥିଲେ, ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ଶେଷାନନ୍ଦ ମିଶ୍ର ଓ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସମସ୍ତ କର୍ମଚାରୀଙ୍କ ସହଯୋଗରେ ପ୍ରତିଯୋଗିତାଟା ସମାପନ ହୋଇଥିଲା। ଶେଷରେ ଅଧ୍ୟାପିକା ମାଳଭିକା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଜରାଜୀର୍ଣ୍ଣ ଅବସ୍ଥାରେ ହୋମିଓପାଥି ମେଡିକାଲ୍

ବୈପାରୀଗୁଡ଼ା,୧୫।୧(ସମିସ): କୁନ୍ଦୁରା ବ୍ଲକ ମସିଗାଁ ପାଞ୍ଚୟତର ବରୁଗୁଡା ଠାରେ ଥିବା ହୋମିଓପ୍ୟାଥି ମେଡିକାଲଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲିଛି ହୋମିଓପାଥି ସ୍ୱାସ୍ଥ୍ୟକେନ୍ଦ୍ର। ଭଙ୍ଗା ଦଦରା ଘରେ ଚାଲିଛି ସ୍ୱାସ୍ଥ୍ୟ ସେବା। ଡାକ୍ତର ବସିବାକୁ ଜାଗା ଖଣ୍ଡିଏ ନ ଥିବାବେଳେ ଔଷଧ ମଧ ସୁରକ୍ଷିତ ହୋଇ ରହିପାରୁ ନାହିଁ। ଡାକ୍ତର ବାବୁଙ୍କ ରହିବାକୁ ଘର ନାହିଁ । ମେଡିକାଲ ଛାତ ଟିଣ ନଷ୍ଟ ହେଲାଣି। ଏବେ କଷ୍ଟେ ମଷ୍ଟେ ଚାଲୁଛି । କିନ୍ତୁ ବର୍ଷା ଋତୁର କଥା ନ କହିବା ଭଲ। ଅଫିସ ଭିତରେ ଆଣ୍ଠୁଏ ବର୍ଷା ପାଣି ଭରି ଯାଏ । ଝରକା କବାଟ ସମ୍ପୂର୍ଣ୍ଣ ନଷ୍ଟ ହେଲାଣି । ବାଉଁଶ ବାଡ଼ରେ ଝରକା କବାଟ ଲାଗିଛି । ବିପଦ ସଂକୁଳ ଅବସ୍ଥାରେ ଭଙ୍ଗା ଘରେ ଚାଲିଛି ମେଡିକାଲ। ଏଭଳି ଜରାଜୀର୍ଣ୍ଣ ଅବସ୍ଥା ଦୁର୍ଗମ ପଞ୍ଚାୟତ ଲୋକଙ୍କୁ ନିରବଚ୍ଛିନ୍ନ ରୋଗୀସେବା ମିଳିବାରେ ବ୍ୟତିକ୍ରମ ଦେଖାଦେଇଛି। କାରଣ ଏଠାକୁ ରୋଗୀ ଆସିବାକୁ ଅସୁରକ୍ଷିତ ମନେ କରିଛନ୍ତି। ଏହି ମେଡିକାଲ ଘର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡିଛି। କେତେବେଳେ ଯେ ଅଘଟନ ଘଟିବ ତାହା କହିହେବ ନାହିଁ। ରୋଗୀଙ୍କ ବସିବା ପାଇଁ ସ୍ଥାନ ନାହିଁ କି ଶୌଚାଳୟ ନାହିଁ । ଏଠାରେ ଅତିଶୀଘ୍ର ନୂତନ କୋଠା ନିର୍ମାଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ଅଭ୍ୟନ୍ତରୀଣ ଗ୍ରାମାଞ୍ଚଳ ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ସୁବିଧା ନିମନ୍ତେ ୪୪ ବର୍ଷ ପୂର୍ବେ ୧୯୮୨ ମସିହାରେ ତତ୍କାଳୀନ ଅର୍ଥ ଓ ଆଇନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ଦ୍ୱାରା ଏହି ହୋମିଓପାଥି ମେଡିକାଲ ଉଦ୍‌ଘାଟନ ହୋଇଥିଲା। କାଳକ୍ରମେ ପୁରୁଣା ଘରଟି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲା । ଏଥିଲାଗି ଏଠାରେ ୨୦୧୨ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭଗ ପକ୍ଷରୁ ୧୨ ଲକ୍ଷ ଟଙ୍କା ବ୍ୟୟରେ ନୂତନ କୋଠା ଆରମ୍ଭ ହେଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଅଧପନ୍ତରିଆ ଅବସ୍ଥାରେ ପଡିରହିଲା ଘର ନିର୍ମାଣ। ବର୍ଷ ପରେ ବର୍ଷ ବଦଳୁଛି । କିନ୍ତୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ମେଡିକାଲର ଭାଗ୍ୟ ବଦଳୁନି । ଭଙ୍ଗା ଅବସ୍ଥାରେ ରହିଥିବା ହୋମିଓପାଥି ମେଡିକାଲର ଭିତ୍ତିଭୂମି ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ସାଥି ସଂଗଠନ ସଭାପତି ଟୁଲୁ ରଥ ବହୁବାର ଚେଷ୍ଟା କରିଛନ୍ତି । ଗ୍ରାମବାସୀ ମଧ ବହୁବାର ଅଭିଯୋଗ କରିଛନ୍ତି । କିନ୍ତୁ ଫଳ ଶୂନ। ଏ ସମସ୍ୟା ନେଇ ହୋମିଓପାଥି ମେଡିକାଲ ଡାକ୍ତର ସୁମିତା ଟୁଡୁଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ କହିଛନ୍ତି, ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ନୂତନ କୋଠା ନିର୍ମାଣ ହେଲେ ଏହି ସମସ୍ୟା ଆଉ ରହିବ ନାହିଁ।



# ଏନ୍‌ଏସ୍‌ଏସ୍ ଶୀତକାଳୀନ ସ୍ୱତନ୍ତ୍ର ଶିବିର

ସୁନାବେଡ଼ା,୧୫।୧ (ସମିସ); ସୁନାବେଡ଼ା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ପୋଷ୍ୟ ଗ୍ରାମ ମାଳିଗୁଡ଼ାର କମ୍ୟୁନିଟି କେନ୍ଦ୍ରରେ ସାତ ଦିନିଆ ଜାତୀୟ ସେବା ଯୋଜନା ଶୀତକାଳୀନ ସ୍ୱତନ୍ତ୍ର ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା କାର୍ଯ୍ୟକ୍ରମଟି ଜାନୁଆରୀ ୧୫ରୁ ୨୧ ପର୍ଯ୍ୟନ୍ତ ଚାଲିବ। ବିଦ୍ୟାଳୟର ଅଧକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସେମିଳିଗୁଡା କଲେଜ ଅଧକ୍ଷା ଝାନସୀ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପର୍ଯ୍ୟବେକ୍ଷକ ଭାବେ ନୋଡାଲ ଅଧିକାରୀ କୋରାପୁଟ ସୁଶାନ୍ତ କୁମାର ବେହେରା ଯୋଗଦେଇ ଛାତ୍ରୀ ମାନେ କିପରି ଗ୍ରାମବାସୀଙ୍କ ସହିତ ଜଡିତ ହେବେ, ଗ୍ରାମବାସୀଙ୍କୁ କିପରି ନିଜ ପରିବେଶ ପରିଷ୍କାର ପରିଛନ୍ନ ରଖିବେ,ସେ ବିଷୟରେ ବୁଝାଇ ଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ମହାରଣାଙ୍କ ତତ୍ତ୍ୱାବଧାନରେ ସାତ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଚାଲିବ। ଅଧ୍ୟାପକ ସନ୍ତୋଷ କୁମାର ସାମଲ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଶ୍ରୀଚନ୍ଦନ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରିନ୍ସ ୟୁଥ୍ କ୍ଲବ୍‌ର ସଭାପତି ଦିଲୀପ କୁମାର ସୁନା, ସମ୍ପାଦକ ନରସିଂହ ବେନିଆ, ସିଭମ୍ ମହାନନ୍ଦିଆ ଉପସ୍ଥିତ ଥିଲେ। ଯୁକ୍ତ ଦୁଇ ବିଜ୍ଞାନର ପ୍ରଥମ ବର୍ଷ ଛାତ୍ରୀ ଦୀପିକା ବେହେରା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଯୁକ୍ତ ଦୁଇ କଳା ପ୍ରଥମ ବର୍ଷର ଛାତ୍ରୀ ସନ୍ତୋଷ ତାଡିଙ୍ଗି ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଶୀତ କାକରରେ ଜବରଦଖଲ ଉଚ୍ଛେଦ

# ଥଇଥାନ ନହେଲେ ଆନ୍ଦୋଳନ: ପରଜା ସମାଜ



ଜୟପୁର, ୧୫ ।୧ (ସମିସ):

କୋରାପୁଟ ଜିଲ୍ଲା ଜୟପୁର ପୌରାଞ୍ଚଳର ୨୨ ନମ୍ବର ୱାର୍ଡର ସତୀନଦୀ ନିକଟରେ ଏକ ଘରୋଇ ଜମିରେ ଜବରଦଖଲରେ ରହିଥିବା ୮ଟି ଅନୁସୂଚିତ ଜନଜାତି ପରିବାର ଲୋକଙ୍କୁ ଉଚ୍ଛେଦ କରାଯାଇ ଘର ଭଙ୍ଗା ଯାଇଥିଲା। ବର୍ତ୍ତମାନ ଉକ୍ତ ୮ଟି ଗୃହରେ ରହୁଥିବା ୧୦ଟି ପରିବାର ଲୋକ ଖୋଲା ଆକାଶ ତଳ ଥଣ୍ଡା ଓ କାକରରେ କଷ୍ଟରେ ରହୁଥିବା ନେଇ ପରଜା ସମାଜ ସଭାପତି ବାସୁ ନାୟକଙ୍କ ନେତୃତ୍ୱରେ ପୀଡିତ ମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିରୋଧ କରିଥିଲେ। ସେମାନେ ଗରୀବ ଶ୍ରେଣୀର ବାସିନ୍ଦା ହୋଇଥିବା ଯୋଗୁଁ ସେମାନଙ୍କୁ ତୁରନ୍ତ ସରକାରୀ ଜମି ପ୍ରଦାନ କରାଯାଇ ଅସ୍ଥାୟୀ ଭାବେ ରହିବା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏଥିନେଇ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବା ସହିତ ଆଗାମୀ ଦିନରେ ଗରିବ ପୀଡିତଙ୍କୁ ଥଇଥାନ ବ୍ୟବସ୍ଥା କରା ନଗଲେ ଆନ୍ଦୋଳନ କରାଯିବ ବୋଲି ପରଜା ସଭାପତି ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ପରଜା ସମାଜ ପକ୍ଷରୁ ଲିଖିତ ଭାବେ ଯୁକ୍ତି କରାଯାଇଛି ଯେ, ଉକ୍ତ ଜମି ଜୟପୁର ତହସିଲ ଜଗନ୍ନାଥପୁର ମୌଜା ଖାତା ୪୬/୭୮୩ପ୍ଲଟ ନମ୍ବର ୮୩ ଏବଂ ୮୪ ମୋ ୮୪ ଡେସିମିଲ ଧାନ ଓ ଡଙ୍ଗର ଜମିରେ ଦୀର୍ଘ ୪୦ ବର୍ଷ ହେଲାଣି ସ୍ୱର୍ଗତ ରୁଶିଆପରଜାଙ୍କ ଦଖଲ ରହିଥିଲା। ଏହାପରେ ଜମିହୀନ ଏବଂ ଦିନମଜୁରିଆ ଗରିବ ଶ୍ରେଣୀର ଲୋକମାନେ ଝାଟିମାଟି ଭାବେ ରହି ଆସୁଥିଲେ। ଏହିପରି ଉକ୍ତ ଅଞ୍ଚଳକୁ ରୁଶିଆ କୋଲନୀ ନାମରେ ମଧ୍ୟ ପରିଚିତ ରହିଛି। କିନ୍ତୁ ଯେଉଁ ବ୍ୟକ୍ତି ଏଥିରେ ୬୮ ଡେସିମଲ ନିଜର ପୈତୃକ ସମ୍ପତି ଭାବେ ଦାବି କରିଛନ୍ତି। ଉକ୍ତ ବ୍ୟକ୍ତି ଗତ ଦୀର୍ଘ ବର୍ଷ ପରେ ଗତ ୨୦୨୧ ମସିହାରେ ମ୍ୟୁଟେସନ ଦାଖଲ କରିବା ସହିତ ନିଜ ନାମରେ ପଟ୍ଟା କିଭଳି କରିଛନ୍ତି ବୋଲି ପ୍ରଶ୍ନ କରିବା ସହିତ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ପରଜା ସମାଜ ପକ୍ଷରୁ ଦାବି କରିଛନ୍ତି। ଏହିପରି ଦୀର୍ଘ ୩ ବର୍ଷ ହେଲାଣି ଉକ୍ତ ବାସିନ୍ଦା ମାନଙ୍କୁ ଗୁଣ୍ଡା ଓ ଅସାମାଜିକ ବ୍ୟକ୍ତିଙ୍କୁ ବ୍ୟବହାର କରାଯାଇ ଧମକ ଚମକ ଦେଇ ଅତ୍ୟାଚାର କରାଯାଉଥିଲା ବୋଲି ଅଭିଯୋଗ କରିଛନ୍ତି। ଆଜି ଏହି ଦାବିପତ୍ର ପ୍ରଦାନ ବେଳେ ପୀଡିତ ପରିବାର ପକ୍ଷରୁ ଲକ୍ଷ୍ମଣ ଜାନୀ, ରାମ ଜାନୀ, ବଳି ମାଝି, ବବି ମାଳି, ଶଙ୍କର ଗଲରୀ, ଶୁକ୍ରା ପରଜା, ମୁଟୁଲୁ ପୁଜାରି, ପର୍ଶୁ ମୁଦୁଲି, ରାଜୁ ପରଜା, କୃଷ୍ଣ ବେହେରା, ରାମ ଭତ୍ରା, ଦୁତି ପରଜା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗ୍ଲୋକାଲ ଚିକିତ୍ସାଳୟ ନିକଟରେ ସ୍ଥାନୀୟ ତହସିଲ ଜଗନ୍ନାଥପୁର ମୌଜାରେ ରହିଥିବା ପ୍ରାୟ ଜୈନିକ ବ୍ୟକ୍ତିଙ୍କ ପୈତକ ୬୮ ଡେସିମିଲ ଜମି ମଧ୍ୟକୁ ୩୦ ଡେସିମିଲ ଜମିକୁ କିଛି ଲୋକ ଜୋର ଜବରଦଖଲ କରିଥିବା ଅଭିଯୋଗ ନେଇ ଜମି ମାଲିକ ତଥା ସ୍ଥାନୀୟ ଗୋଡିଆ ଧୋବା ସାହିର ବାସିନ୍ଦା ରାମଚନ୍ଦ୍ର ନାୟକ ସ୍ଥାନୀୟ ତହସିଲ , ଉପଜିଲ୍ଲାପାଳ ଓ ସିଭିଲ କୋର୍ଟ ସମେତ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହିପରି କୋର୍ଟ ପକ୍ଷରୁ ପ୍ରକୃତ ଜମି ମାଲିକଙ୍କୁ ଜବରଦଖଲ କରାଯାଇ ପ୍ରଶାସନକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଜୟପୁର ତହସିଲଦାର ସବ୍ୟସାଚୀ ଜେନା ମାଜିଷ୍ଟ୍ରେଟଙ୍କ ନେତୃତ୍ୱରେ ପୁଲିସ ଏବଂ ତହସିଲ କର୍ମଚାରୀ ମାନଙ୍କ ଉପସ୍ଥିତିରେ ଗତ ୧୩ ତାରିଖରେ ଉଚ୍ଛେଦ କରାଯାଇଥିଲା। ଜବରଦଖଲରେ ରଖିବା ନେଇ ପୀଡିତ ଗରିବ ଏବଂ ଅନୁସୂଚିତ ଜନଜାତି ଶ୍ରେଣୀର ଲୋକ ମାନେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ସେମାନଙ୍କୁ ୫ ଦିନ ସମୟ ଦେଲେ ସେମାନେ ନିଜର ବ୍ୟବସ୍ଥା କରିବା ସହିତ ଏଠାରୁ ଚାଲିଯିବାକୁ ଅନୁରୋଧ କରିଥିଲେ। କିନ୍ତୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ତହସିଲଦାର ଶ୍ରୀ ଜେନା ସେମାନଙ୍କୁ ଗତ ନଭେମ୍ବର ମାସରୁ ବାରମ୍ବାର ନୋଟିସ କରିବା ସହ ଜମି ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା କୌଣସି ପଦକ୍ଷପ ଦେଇନଥିଲେ। କିନ୍ତୁ କୋର୍ଟ ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଅନୁଯାୟୀ ଏହି ଉଚ୍ଛେଦ କରାଯାଉଛି ବୋଲି ସ୍ପଷ୍ଟ କରିଥିଲେ।

## ମା'ବନଦୁର୍ଗାଙ୍କ ପୀଠରେ ମକର ସଂକ୍ରାନ୍ତି



ମାଥିଲି,୧୫ ।୧ (ସମିସ):

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ମିଲୁଗୁଡା ଗ୍ରାମରେ ଥିବା ମା ବନଦୁର୍ଗାଙ୍କ ପୀଠରେ ମକର ସଂକ୍ରାନ୍ତୀ ଧୁମଧାମରେ ପାଳିତ ହୋଇଯାଇଛି। ସକାଳୁ ମା'ଙ୍କ ପୂଜାର୍ଚ୍ଚନା କରାଯିବା ସହିତ ହଜାର ହଜାର ଭକ୍ତଙ୍କ ସମାଗମ ପୀଠରେ ହୋଇଥିଲା। ମା'ଙ୍କ ଦର୍ଶନ ପାଇଁ ଅଞ୍ଚଳ ତଥା ବହୁ ଦୂର ଦୁରନ୍ତାରୁ ଆସିଥିବା ହଜାର ହଜାର ଭକ୍ତ ଅନ୍ନ ପ୍ରସାଦ ସେବନ କରି ବହୁ ଆନନ୍ଦିତ ହୋଇଥିଲେ। ଏହାପରେ ସନ୍ଧ୍ୟାରେ ମଧ୍ୟ ମାଥିଲି ଅଞ୍ଚଳର ସୁନାମଧନ୍ୟ ଭଜନ ପରିବେଷଣ କାର୍ଯ୍ୟକ୍ରମ ହୋଇଥିଲା। ବହୁ ପୁରାତନ କାଳରୁ ଚାଲି ଆସୁଥିବା ଏହି ତୀର୍ଥ ସ୍ଥାନ ଆଜି ପର୍ଯ୍ୟନ୍ତ ସରକାରଙ୍କ ନଜରକୁ ଆସି ନାହିଁ। ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ସ୍ଥାନୀୟ ବୁଦ୍ଧିଜୀବୀ ଓ ଯୁବକ ମାନେ ଚାନ୍ଦା ଆଦାୟ କରି ଏହି ପରମ୍ପରା ଜାରି ରଖିଛନ୍ତି । ଯଦି ସରକାରୀ ସହାୟତାରେ ଏହାର ଉନ୍ନତିକରଣ କରାଯାଇ ପାରନ୍ତା, ତା' ହେଲେ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନେ ପ୍ରତିବର୍ଷ ଏହି ସ୍ଥାନକୁ ଆସନ୍ତେ ବୋଲି ବହୁ ଭକ୍ତ ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସଭାପତିଙ୍କ ସମେତ ଅନେକ ଯୁବ ଗୋଷ୍ଠୀ ସମସ୍ତ ପ୍ରକାର ସହଯୋଗ କରିଥିଲେ। ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମାଥିଲି ପୁଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ୱାଟରସେଡ୍ ମହୋତ୍ସବ ପାଳିତ

ପଡ଼ିଆ, ୧୫ ।୧(ସମିସ) : ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ କାଲଦାପଲ୍ଲୀ ଗ୍ରାମ ଠାରେ ଜଳବିଭାଜିକା ତଥା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୱାଟରସେଡ୍ ମହୋତ୍ସବ ୨୦୨୫-୨୬ ପାଳିତ ହୋଇଯାଇଛି। ଏହି ଅବସରରେ କାଲଦାପଲ୍ଲୀ ଗ୍ରାମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଳବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ସ୍ଥାୟିତ୍ୱ ଓ ପରବର୍ତ୍ତୀ କାର୍ଯ୍ୟ ଖସଡ଼ା ବାବଦରେ ଆଲୋଚନା କରାଯାଇଛି। ଏଥିପାଇଁ ଆଜି ସକାଳୁ କାଲଦାପଲ୍ଲୀ ପଞ୍ଚାୟତ ସଦର ମହକୁମାରୁ ଏକ ରାଲି ଯୋଗେ ହିତାଧିକାରୀଙ୍କୁ ସଚେତନ କରାଯାଇଥିଲା। ଏହାପରେ ସରକାରଙ୍କ ପିଏମକେଏସୱାଇ ଯୋଜନାରେ ଗତ ପାଞ୍ଚବର୍ଷ ପ୍ରାକୃତିକ ସମ୍ପଦ ପରିଚାଳନା କରି ନିର୍ମାଣ ହୋଇଥିବା ନୂତନ ପୋଖରୀ, ଗୋଷ୍ଠୀ ଜଳ ଅମଳ ସଂରଚନା, ଚେକ୍ ଡ୍ୟାମ୍ ଭଳି ପ୍ରକଳ୍ପ ଗୁଡିକ ସହ ବିଭିନ୍ନ ଚାଷକାର୍ଯ୍ୟ କିଭଳି ସ୍ଥାନୀୟ ଲୋକଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣି ପାରିଛି ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଏଥିସହ ଆଗାମୀ ଦିନରେ ଏହି ପ୍ରକଳ୍ପ ଗୁଡିକର ସ୍ଥାୟିତ୍ୱକୁ ନେଇ ଓ ନୂତନ ପ୍ରକଳ୍ପର ରୂପରେଖ ବାବଦରେ ଆଲୋଚନା ହୋଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ନିର୍ବାଚନ ମଣ୍ଡଳର ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ସମ୍ମାନିତ ଅତିଥି ଭାବେ ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱନୀ କୁମାର ମହାପାତ୍ର, ଜଳବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ସମୀର ଶବର, ବ୍ଲକ ମତ୍ସ୍ୟ ଅଧିକାରୀ ମନୋଜ ଚକ୍ରବର୍ତ୍ତୀ, ମନ ଦୀପଙ୍କର ରାୟ, କୋଟାମ ବାଲାୟା, ଦେବା ମାଡକାମି, ପିଆଇଏ ଗୋବିନ୍ଦ ହାଲଦାର, ଏଡବ୍ଲ୍ୟୁଟି ମଙ୍ଗଳ କୁମାର ଶାହା ପ୍ରମୁଖ ଉପସ୍ଥିତ ଥିଲେ। ଜଳବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ସହ ଯୋଡ଼ି ହୋଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଲାଗି ୱାଟରସେହ୍ ଯୋଦ୍ଧା ଭାବେ ପଡିଆ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୫ରୁ ଅଧିକ ଚାଷୀଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କୁଇଜ୍ ଓ ନାଚଗୀତ ପ୍ରତିଯୋଗୀତାରେ ସାମିଲ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧି, ଡବ୍ଲ୍ୟୁଡିଟି ମଙ୍ଗଳ କୁମାର ଶାହା, ନିହାର ରଞ୍ଜନ ଜେନା, ବର୍ଷା ମହାନ୍ତି, ରାଜେନ୍ଦ୍ର ପ୍ରଧାନ ସମେତ ଏମବିକେ ଓ କୃଷିମିତ୍ର ମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

## ମିନାଝୋଲା ଜାଗର ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଚନ୍ଦ୍ରପୁର,୧୫।୧(ସମିସ):

ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ମିନାଝୋଲା ଶ୍ରୀ ମିନକେତନଙ୍କ ଶୈବପୀଠରେ ଆସନ୍ତା ଫେବୃୟାରୀ ୧୫ ତାରିଖରେ ଶିବରାତ୍ରି ଜାଗର ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଆଜି ବ୍ଲକ୍ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୋଇନ୍ କିମ୍ବାକା, ସରପଞ୍ଚ ନୀଳମାଇ ଦିବାକା ,ସମ୍ମାନିତ ଅତିଥିରୂପେ ବିଷମ କଟକ ଏସଡିପିଓ ସନ୍ତସିନୀ ଓରାମ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବୋଙ୍ଗାଲ, ତହସିଲଦାର ସୁନୀଲ କୁମାର ପ୍ରଧାନ, ଥାନା ଅଧିକାରୀ ଲଳିତ ମୋହନ ସାଗର, ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ଜିପିଓ ରାଜେନ୍ଦ୍ର ପାଳ, ପି ଓ କରୁଣା କର ସେନାପତି, ଡିଓ ଶ୍ରୀ ମିଶ୍ରଙ୍କ ସମେତ ସ୍ଥାନୀୟ ଟାପିରିକୁପୁଡା, ବେଲାମଗୁଡା ଗ୍ରାମବାସୀ ଉପସ୍ଥିତ ରହି କିପରି ଜାଗର ଯାତ୍ରା ଶାନ୍ତି ଶୃଙ୍ଖଳାରେ ସମାପ୍ତ ହେବ ସେ ନେଇ ବୈଠକରେ ଆଲୋଚନା କରିଥିଲେ। ବୈଠକରେ ସର୍ବ ସମ୍ମତିକ୍ରମେ ଗାଡି ପାର୍କିଂ ନିମନ୍ତେ ବେଲାମଗୁଡା ଗ୍ରାମ୍ୟ କମିଟିକୁ ଦାୟିତ୍ୱ ଦିଆଯାଇଥିଲା। ଯାତ୍ରା ପରିଚାଳନା, ଠାକୁରଙ୍କ ସ୍ଥାନକୁ ଯିବା ପାଇଁ ଗ୍ରିଲ ବ୍ୟବସ୍ଥା , ୧୦ଟି ପାଣି ଟ୍ୟାଙ୍କର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯାତ୍ରା ପରେ ପଡିଥିବା ଅଳିଆ ଆବର୍ଜନା ସଫା ସୂତରା କରିବା ପାଇଁ ଏବଂ ଅନ୍ୟାନ୍ୟ ସୁବ୍ୟବସ୍ଥା ନିମନ୍ତେ ଆଲୋଚନା କରାଯାଇଛି। ଯାତ୍ରା ପରିଚାଳନା ପାଇଁ ବେଲାମଗୁଡା କମିଟି ଦେଢ ଲକ୍ଷ ଟଙ୍କା ଟାପିରିକୁପୁଡ଼ା କମିଟିକୁ ଦେବା ପାଇଁ ସ୍ଥିର କରାଯାଇଛି। ତହସିଲଦାର ସୁନୀଲ କୁମାର ପ୍ରଧାନ ଓ ସୁପରଭାଇଜର ପ୍ରଦିପ କୁମାର ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ।

## ଫକୀର ମୋହନ ପାଠଶାଳାର ବାର୍ଷିକ ଉତ୍ସବ

ଉମରକୋଟ, ୧୫।୧(ସମିସ):

ନବରଙ୍ଗପୁର ଜିଲ୍ଲା ଉମରକୋଟ ସ୍ଥିତ ଫକୀର ମୋହନ ପାଠଶାଳାର ୧୮ତମ ବାର୍ଷିକ ଉତ୍ସବ ତଥା ମକର ମିଳନ, ବ୍ୟାସକବିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ସାରସ୍ୱତ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ବିଶେଷାଙ୍କ ସହିତ କବି ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ଭଜନାବଳୀ 'ନୀଳକନ୍ଦରରେ ଶ୍ରୀଜଗନ୍ନାଥ' ଏବଂ ଡଃ ସୁରେନ୍ଦ୍ରନାଥ ଦାସଙ୍କ ଦୁଇଟି ଐତିହାସିକ ଉପନ୍ୟାସ "ଏଣ୍ଟେବେରେ ୯୦ ମିନିଟ୍' ଏବଂ ରକ୍ତ ଭିଜା ମେ ବାରର ଏକ ଛିନ୍ନ ପୃଷ୍ଠା' ପୁସ୍ତକ ଲୋକାର୍ପିତ ହୋଇଛ। ତହସିଲଦାର ମେଘବାନ ବାଗ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ ଶିକ୍ଷାରେ ମୂଲ୍ୟବୋଧ ଆବଶ୍ୟକ୍ତା ଉପରେ ଆଲୋଚନା କରିଥିଲେ। ଆଲୋଚନା ଚକ୍ରରେ ଅତିଥି ଭାବେ ପ୍ରାକ୍ତନ କୋରାପୁଟ ଜିଲ୍ଲାପାଳ ଗଦାଧର ପରିଡା ଯୋଗଦେଇ ଅବିଭକ୍ତ କୋରାପୁଟ ଜିଲ୍ଲାର ଶିକ୍ଷାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡଃ ଅନୀଲ କୁମାର ମିଶ୍ର, ଡଃ ପ୍ରଦୀପ କୁମାର ମିଶ୍ର, ରାମଚନ୍ଦ୍ର ରାମ, ଅଧକ୍ଷା ନମିତା ମହାପାତ୍ର, ଟୁଟୁବାବୁ ପଟ୍ଟନାୟକ ଶ୍ରୀନିବାସ ପଟ୍ଟନାୟକ , ସାଗର କୁମାର ପରିଡ଼ା ପ୍ରମୁଖ ଫକିର ମୋହନଙ୍କ ସ୍ମୃତିଚାରଣ କରି କରିଥିଲେ। ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଶତାଧିକ କବି ସ୍ୱରଚିତ କବିତା ପାଠ କରି ମାନପତ୍ର ଟ୍ରଫି ଓ ସିଲ୍ ଗ୍ରହଣ କରି ସମ୍ବର୍ଦ୍ଧିତ ହୋଇଥିଲେ। କବିତା ପାଠରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗୋପାଳ ମହାରଣା ଅଧିକ୍ଷ ପରୀକ୍ଷିତ ସାହୁ, କବି ମନୋରମା ମହାପାତ୍ର, କେଦାରେଶ୍?ର ପଟ୍ଟନାୟକ, ସମୀର କୁମାର ପ୍ରଧାନ, ମହାନନ୍ଦ ମହାଳିକ, ପ୍ରମୋଦ କୁମାର ରାହୁଳ ଯୋଗ ଦେଇଥିବାବେଳେ କବିତା ଗୁଡ଼ିକ ସର୍ବଶ୍ରୀ ନଗେନ୍ଦ୍ର କୁମାର ରାଉତ, ସ୍ୱାଗତିକା ସାହୁ, ସ୍ୱପ୍ନାମହାନ୍ତି, ଶାନ୍ତିଲତା ମହାନ୍ତି, ପ୍ରଭାତୀ ଦେବନାଥ, ସୁଶୋଭିତାମେରିଲିନ ମୁରୁକ, ସୁପ୍ରଭା ତ୍ରିପାଠୀ, ଦେବେନ୍ଦ୍ର ପ୍ରସାଦ ନାୟକ,ରାଜ କିଶୋର ନାୟକ,ପ୍ରକାଶ କୁମାର ବେହେରା ପ୍ରମୁଖ ସଂଯୋଜନା କରିଥିଲେ।।



## ଜଳିଗଲା ଇଲେକ୍ଟ୍ରିକ୍ ଦୋକାନ

କୋରୁକୋଣ୍ଡା/ବାଲିମେଲା,୧୫ ।୧(ସମିସ): ମାଲକାନଗିରି ଜିଲ୍ଲା ବାଲିମେଲା ସହରରେ ନିଆଁ ଲାଗି ଜଣେ ଇଲେକ୍ଟ୍ରିକ୍ ସାମଗ୍ରୀ ବ୍ୟବସାୟୀଙ୍କ ଦୋକାନ ଜଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ମୁତାବକ ବୁଧବାର ରାତିରେ ଦୋକାନୀ ନିଜର ସଟର ବନ୍ଦ କରି ନିଜ ଘରକୁ ଫେରିଥିଲେ। ତେବେ ମଧ୍ୟରାତ୍ରରେ କିପରି ତାଙ୍କ ଦୋକାନ ଭିତରେ ନିଆଁ ଲାଗି ସମ୍ପୂର୍ଣ୍ଣ ଦୋକାନ ଜଳି ପୋଡି ପାଉଁଶ ହୋଇଯାଇଥିଲା। ଭୋର ସମୟରେ ସ୍ଥାନୀୟ ଲୋକେ ବଜାରକୁ ଯିବା ସମୟରେ ଦୋକାନ ମଧ୍ୟରୁ ହୁ ହୁ ହୋଇ ଧୂଆଁ ବାହାରୁଥିବା ଦେଖିଥିଲେ। ଏହା ଦେଖି ସଙ୍ଗେ ସଙ୍ଗେ ଦୋକାନ ମାଲିକ ଈଶ୍ୱର ପାତ୍ରଙ୍କୁ ଖବର ଦେଇଥିଲେ। ଖବର ପାଇ ବ୍ୟବସାୟୀ ଜଣଙ୍କ ନିଜ ଦୋକାନ ଯାଇ ଦେଖିଲା ବେଳକୁ ସମସ୍ତ ଇଲେକ୍ଟ୍ରିକ ସାମଗ୍ରୀ ଯଥା:- ଲାଇଟ, ଫ୍ୟାନ, ତାର, ସୁଇଚ, ବୋର୍ଡ, ଇଲେକ୍ଟ୍ରିକ ପାଇପ ଆଦି ଜଳି ପାଉଁଶ ହୋଇଯାଇଥିଲା। ଏହାପରେ ସେ ସ୍ଥାନୀୟ ଲୋକଙ୍କ ସହାୟତା ରେ ନିଆଁ କୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ସ୍ପଷ୍ଟ ଜଣା ପଡି ନଥିବା ବେଳେ ସଟ ସର୍କିଟ ଯୋଗୁଁ ଏପରି ଘଟଣା ଘଟିଥିବା ଅନୁମାନ କରାଯାଉଛି। ୪ ଲକ୍ଷରୁ ଅଧିକ ଟଙ୍କାର ଇଲେକ୍ଟ୍ରିକ ସାମଗ୍ରୀ କ୍ଷତି ହୋଇଥିବା ବେଳେ କ୍ଷତିପୂରଣ ନିମନ୍ତେ ସରକାରଙ୍କ ପକ୍ଷରୁ ସହାୟତା ଲୋଡିଛନ୍ତି ବ୍ୟବସାୟୀ ଶ୍ରୀ ପାତ୍ର। ତେବେ ତୁରନ୍ତ ପ୍ରଶାସନ ପକ୍ଷରୁ ତାଙ୍କୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା




ନବରଙ୍ଗପୁର,୧୫।୧(ସମିସ):

ଗୁରୁବାର ଜିଲ୍ଲାରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁଭାରମ୍ଭ ହୋଇ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଉପସ୍ଥିତ ରହି ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମସ୍ତେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସଡ଼କ ସୁରକ୍ଷା ଶପଥ ପାଠ କରିଥିଲେ। ଏହି ପରିପେକ୍ଷୀରେ ଜିଲ୍ଲପାଳ ଉପସ୍ଥିତ ସମସ୍ତଙ୍କୁ ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବା ଏବଂ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ କହିଥିଲେ। ଶୋଭାଯାତ୍ରା କାର୍ଯ୍ୟକ୍ରମରେ ରାଜା ଚୈତନ୍ୟ ଦେବ ନୋଡାଲ ହାଇସ୍କୁଲ୍‌ର ଛାତ୍ରଛାତ୍ରୀ, ଆର୍‌ଟିଓ, ଡିଇଓ, ଅଧୀକ୍ଷଣ ଯନ୍ତ୍ରୀ, ଆର୍‌ଏଣ୍ଡବି, ସିଡିଏମ ଓ, ଟ୍ରାଫିକ ଇନ୍ସପେକ୍ଟର ଓ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ନବରଙ୍ଗପୁର ଡ୍ରାଇଭର ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ, ଲିଫ୍‌ଲେଟ୍ ବଣ୍ଟନ କରାଯାଇଥିଲା।

## ସଡ଼କ ଦୁର୍ଘଟଣାରେ ତାମିଲନାଡୁରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

କାଶୀପୁର/ଟିକିରି, ୧୫।୧(ସମିସ): କାଶୀପୁର ବ୍ଲକରେ ଜଣେ ଦାଦନ ଶ୍ରମିକଙ୍କ ରାଜ୍ୟ ବାହାରେ ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ କୁଚେଇ ପଦର ଗ୍ରାମରେ। ମୃତକ ଜଣକ ହେଲେ ଗୁରୁନାଥ ମାଝୀ (୨୫)। ମୃତ ଦାଦନ ଶ୍ରମିକ ତାମିଲନାଡୁ ରାଜ୍ୟରେ ଏକ ସୂତାକଳ କମ୍ପାନୀ(ପେରୁନ୍ଦୁରାଇ)ରେ ଦାଦନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ସେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ପରିବାର ଲୋକେ ଖବର ପାଇବା ପରେ ମୃତକଙ୍କ ଶବକୁ ଆମ୍ବୁଲାନ୍ସ ଯୋଗେ କୁଚେଇପଦର ଗ୍ରାମକୁ ଆଣିଛନ୍ତି। ସଦନ ମାଝୀ, ଆନ୍ତର୍ଜାତୀୟ ମାନବିକ ଅଧିକାର, ଜିଲ୍ଲା, ସମ୍ପାଦକ, ରାୟଗଡା ଏହି ଘଟଣା ବିଷୟରେ ଶ୍ରମ ଅଧିକାରୀଙ୍କୁ ଅବଗତ କରାଇଥିବା ବେଳେ କାଶୀପୁର ବ୍ଲକରେ ଦାଦନ ସମସ୍ୟା ଏକ ମୁଖ୍ୟ ସମସ୍ୟା ଭାବେ ମୁଣ୍ଡ ଟେକିଛି।

## ପାନୀୟ ଜଳ ପାଇଁ ହନ୍ତସନ୍ତ ପୁଟୁମାରି ଗ୍ରାମବାସୀ

ପୋଡ଼ାଗଡ଼,୧୫।୧(ସମିସ): ଶୀତଋତୁରେ ପାନୀୟ ଜଳ ସମସ୍ୟାରେ ଛଟ ପଟ ହେଉଛନ୍ତି ଗ୍ରାମବାସୀ। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଏ ମାଲକାନଗିରି ପଞ୍ଚାୟତ ଅନ୍ତର୍ଗତ ପୁଟୁମାରି ଗାଁରେ । ଏହି ଗ୍ରାମର ତିନୋଟି ସାହିରେ ଆଦିବାସୀ ଓ ଗଉଡ ସମ୍ପ୍ରଦାୟର ପ୍ରାୟ ୭୦ ଘର ବସବାସ କରନ୍ତି। ତିନି ସାହିରେ ମାତ୍ର ଦୁଇଟି ନଳ କୂଅ ରହିଛି। ଜନସଂଖ୍ୟା ଦୃଷ୍ଟିରୁ ଗ୍ରାମରେ ପାଣି ନିଅଣ୍ଟିଆ ହେଉଥିବା ଦେଖା ଦେଇଛି। ସେହି ଦୁଇ ନଳକୂଅ ମଧ୍ୟରୁ ଗଉଡ଼ ସାହିର ନଳକୂଅରେ ଅଳ୍ପ ଅଳ୍ପ ପାଣି ଆସୁଥିବାରୁ ଗଉଡ ସାହିର ଲୋକମାନେ ନିକଟରେ ଥିବା ବିଲ ପାଣି ବ୍ୟବହାର କରୁଥିବା କହିଛନ୍ତି ଗଉଡ ସାହିର ମହିଳା ମାନେ ଯଥା ସଭାବତୀ ଗଉଡ ମତି ଗଉଡ, ଭବାନି ନାୟ ଓ ସୁନାମଣି ଗଉଡ। ସେହିପରି ମଝୀ ସାହି ଓ ଆଦିବାସୀ ସାହିରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଆଗକୁ ଗ୍ରୀଷ୍ମ ଆସୁଥିବାରୁ ଗ୍ରାମବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏନେଇ ଅନେକ ବାର ପଞ୍ଚାୟତରେ ଅଭିଯୋଗ କଲେ ସୁଦ୍ଧା କୌଣସି ଫଳପ୍ରଦ ହେଉନଥିବା ଗ୍ରାମବାସୀ କହିଛନ୍ତି। ଏହି ପାନୀୟ ଜଳ ସମସ୍ୟା ନେଇ ଦଶମନ୍ତପୁର ବ୍ଲକ ସ୍ଥିତ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ ନିମନ୍ତେ ବାରମ୍ବାର ଫୋନ କଲେ ସୁଦ୍ଧା ଫୋନ ଉଠାଇ ନଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।



## ଛତୁ ଚାଷ କରି ସ୍ୱାବଲମ୍ବୀ ହେଲେ ଉପେନ୍ଦ୍ର

ଚନ୍ଦାହାଣ୍ଡି,୧୫।୧(ସମିସ):

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଚନ୍ଦାହାଣ୍ଡି ବ୍ଲକ ମହୋରା ପଞ୍ଚାୟତର ଯଇତଗୋଚିଆପଡାର ଉପେନ୍ଦ୍ର ଗୌଡ଼ ନାମକ(୫୫) ୟୁଟ୍ୟୁବ୍ ଦେଖି ନିଜ ଜମିରେ ବିଭିନ୍ନ ପ୍ରକାର ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି। ଉପେନ୍ଦ୍ରଙ୍କ ପରିବାରରେ ସେ ଏବଂ ଝିଅ ରହିଥିବା ବେଳେ ବର୍ଷେ ହେବ ପତ୍ନୀ ଆରପାରିକୁ ଚାଲିଯାଇଛନ୍ତି। ପାରିବାରିକ ସମସ୍ୟାରେ ଜର୍ଜରିତ ହୋଇ ପରିବାର ମୁହଁରେ ଆହାର ଦେବା ପାଇଁ ଅନେକ ପ୍ରକାରର କାର୍ଯ୍ୟ କରିଥିଲେ ହେଁ ସଫଳ ହୋଇ ନଥିଲେ। ଉପେନ୍ଦ୍ର ଗୌଡ଼ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଅଧ୍ୟୟନ କରିଛନ୍ତି। ନିଜ ଜୀବନ କାଳ ମଧ୍ୟରେ ସେ ବିନା କୌଣସି ପ୍ରଶିକ୍ଷଣରେ ଟିଭି, ରେଡ଼ିଓ,ମୋଟର,ପମ୍ପସେଟଠୁ ଆରମ୍ଭ କରି ବିଭିନ୍ନ ପ୍ରକାର ବୈଦ୍ୟୁତିକ କାର୍ଯ୍ୟ କରି ସଫଳ ହେଇଛନ୍ତି। ହେଲେ ଆଗକୁ ବଢିବାକୁ ତାଙ୍କୁ ଆର୍ଥିକ ଅନଟନ ଅଟକାଇ ରଖିଛି । ଏମିତିକି ବହୁତ କମ୍ ଖର୍ଚ୍ଚ ରେ ଦୁଇଶହ ମିଟର ପର୍ଯ୍ୟନ୍ତ କଲଲେସ୍ ଫୋନ ମଧ୍ୟ ତିଆରି କରି ଉଭୟ ବ୍ୟକ୍ତି କଥା ହେଇ ପାରିବେ ବୋଲି ପ୍ରକାଶ କରିଛନ୍ତି। ଏଥିରେ କୋଣସି ପ୍ରକାର ରିଚାର୍ଜ ଲାଗିବନି ଏବଂ ଏହାର ରେଞ୍ଜ ମଧ୍ୟ ବଢ଼ାଇ ହେବ ବୋଲି ପ୍ରକାଶ କରିଛନ୍ତି। ସବୁ ପ୍ରକାରର ଜ୍ଞାନ ଥିବା ବ୍ୟକ୍ତି ଜଣକ ଆଜି ଆର୍ଥିକ ସମସ୍ୟା ସହ ସରକାରୀ ପ୍ରୋତ୍ସାହନର ଅଭାବ ଯୋଗୁଁ ଅସଫଳ ହୋଇଥିଲେ ମଧ୍ୟ ଆଜି ଛତୁ ଚାଷ ପ୍ରତି ମନ ବଳାଇଛନ୍ତି । ସେ ମୋବାଇଲ ୟୁଟ୍ୟୁବରୁ ଛତୁ ଚାଷ ଶିଖି ଆଗକୁ ବଟନ ଛତୁ, ପାଳ ଛତୁ ଏବଂ ଅନ୍ୟ ପ୍ରକାର ଛତୁ ଭଳି କୃତ୍ରିମ ଉପାୟରେ ଚାଷ କରି ବିନା କୋଣସି ସାର ପ୍ରୟୋଗ ନ କରି ଲୋକଙ୍କୁ ଉତ୍ତମ ଖାଦ୍ୟ ଯୋଗାଇବେ ବୋଲି ପ୍ରକାଶ କରିଛନ୍ତି। ବର୍ତମାନ ସେ ଦୈନିକ ୫ରୁ ୧୦ କି.ଗ୍ରା ଉତ୍ପାଦନ କି.ଗ୍ରା ପ୍ରତି ଦେଢ଼ ଶହ ଟଙ୍କାର ସହ ହଜାରରୁ ୧୫ ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତି। ଶିକ୍ଷିତ ଯୁବକ ଯୁବତୀଙ୍କୁ ଚାକିରି ଉପରେ ଭରସା ନକରି ଏଭଳି ଛତୁ ଚାଷ କରି ଆତ୍ମନିର୍ଭର ହେବାକୁ ସେ ଆହ୍ୱାନ ଦେଇଛନ୍ତି । ଏହି ଚାଷ ପାଇଁ ନିଜ ଝିଅ ରମେଶ୍ୱରୀ ଜଣେ ହିଁ ତାଙ୍କୁ ସହଯୋଗ କରିଥାଏ। ଆଗକୁ ଯଦି ସରକାରୀ ସୁବିଧା ମିଳେ, ତାହେଲେ ଆଗକୁ ପ୍ରଚୁର ପରିମାଣରେ ଛତୁ ଚାଷ ସହ କମ ଦରରେ ବାହାରକୁ ମଧ୍ୟ ବିକ୍ରି କରି ପାରିବେ ବୋଲି ଗଣମାଧ୍ୟମ ଜରିଆରେ ସରକାରଙ୍କୁ ନିବେଦନ କରିଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉପେନ୍ଦ୍ରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।



ସକାଳ
THE SAKALA



www.sakalaepaper.com

# ଶୀତକାଳୀନ ଶିବିର ଉଦ୍‌ଯାପିତ



ବୈପାରିଗୁଡ଼ା,୧୫।୧(ସମିସ): ବୈପାରୀଗୁଡାଠାରେ ଡିଗ୍ରୀ କଲେଜର ଶୀତକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ପୋଷ୍ୟ ଗ୍ରାମ ବାସନିଗୁଡ଼ା ଠାରେ ସହିଦ୍ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟ ବୈପାରିଗୁଡାର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ୭ ଦିନିଆ ଶୀତକାଳୀନ ବିଶେଷ ଶିବିର ହୋଇଥିଲା। ଏହି ଶିବିର ଚଳିତ ମାସ ୭ରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରମୁଖ ଅତିଥି ଭାବେ ଅନୁଷ୍ଠାନର ପୂର୍ବତନ ସଭାପତି ମନୋଜ କୁମାର ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ ଓ କଲେଜ ଅଧ୍ୟକ୍ଷା ସ୍ନେହଲତା ପଟ୍ଟନାୟକ, ଅଧ୍ୟାପିକା ମୌସୁମୀ ମହାନ୍ତି, ଜ୍ୟୋତି ପାଢ଼ୀ, ସମର କୁମାର ମହାପାତ୍ର ଯୋଗ ଦେଇଥିଲେ। ଅତିଥିମାନେ ଶିବିରର ୭ ଦିନର କାର୍ଯ୍ୟକଳାପ ବିଷୟରେ ସ୍ୱୟଂସେବକ ମାନଙ୍କ ଠାରୁ ତଥ୍ୟ ଗ୍ରହଣ କରି ସେମାନଙ୍କର ସେବା ମୂଳକ କାର୍ଯ୍ୟ, ଗ୍ରାମ ଉନ୍ନତି, ସ୍ୱଚ୍ଛତା, ସଚେତନତା ଓ ସାମାଜିକ ଦାୟିତ୍ୱବୋଧକୁ ଭୂୟସୀ ପ୍ରଶଂସା କରିଥିଲେ। ଗ୍ରାମର ସାର୍ବାଙ୍ଗୀନ ବିକାଶ ପାଇଁ ଯୁବ ଶକ୍ତିର ଭୂମିକା ବିଷୟରେ ମୂଲ୍ୟବାନ ଉପଦେଶ ଦେଇ ସ୍ୱୟଂସେବକ ମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ରାଜ୍ୟ ଯୁବ ପୁରସ୍କାର ପ୍ରାପ୍ତ ଏନ୍. ସନ୍ତୋଷ କୁମାର, କୋଅର୍ଡିନେଟର ଅଫ ସିଏସ୍ଏନ୍ଆର ସୁନୀଲ କୁମାର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୀଆ, ଗୌର ଚନ୍ଦ୍ର ଦଳେଇ ଯୋଗଦାନ କରି ସ୍ୱେଚ୍ଛାସେବୀ ମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ସ୍ୱୟଂସେବକଙ୍କୁ ସନଦପତ୍ର ପ୍ରଦାନ କରାଯାଇଥିଲା। ପରେ ଏକ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଉପସ୍ଥିତ ସମସ୍ତଙ୍କୁ ଆନନ୍ଦିତ କରିଥିଲା। ଏହି ଶିବିରକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ରାକେଶ ଭୂୟାଁ, ସନୁ ପରଜା, ପୂର୍ବତନ ସ୍ୱେଚ୍ଛାସେବୀ ଚନ୍ଦନ ଖରା ସହଯୋଗର ହାତ ବଢ଼ାଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ହିମାଂଶୁ ଶେଖର ବକ୍ସିଙ୍କ ତତ୍ତ୍ୱାବଧାନରେ ଏହି ଶିବିରର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ପରିପୂରଣ ହୋଇଥିଲା। ଏହି ସଫଳ ଶିବିର ମାଧ୍ୟମରେ ଗ୍ରାମବାସୀ ଓ ସ୍ୱୟଂସେବକମାନଙ୍କ ମଧ୍ୟରେ ସମ୍ପର୍କ ଅଧିକ ସୁଦୃଢ଼ ହୋଇଥିବା ସହ ସାମାଜିକ ସେବା ପ୍ରତି ଯୁବମାନଙ୍କର ଆଗ୍ରହ ବୃଦ୍ଧି ପାଇଛି।

## ଜିଲ୍ଲା ବିଦ୍ୟୁତ୍ ଓ ସଡ଼କ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣା ରୋକିବା ପାଇଁ କଡ଼ା ପଦକ୍ଷେପ ନିଷ୍ପତ୍ତି




କୋରାପୁଟ,୧୫।୧(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଆଜି ସଂଧାରେ ସାଂସଦ ସପ୍ତଗିରି ଉଲକାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିଦ୍ୟୁତ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଗୁଡିକରେ ବିଦ୍ୟୁତକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଯେଉଁଠି ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡିଯାଇଛି ତାହାର ତୁରନ୍ତ ମରାମତି କରାଇବାକୁ କୁହାଯାଇଥିଲା। ପିଏମଶ୍ରୀ ସୂର୍ଯ୍ୟଘର ଯୋଜନାକୁ ଅଧିକ କ୍ରୀୟାନ୍ୱୟନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପରେ ଏକ ଉଚ୍ଚ ସ୍ତରୀୟ ସଡକ ସୁରକ୍ଷା କୁନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଥିଲା। ଦିନକୁ ଦିନ ବଢୁଥିବା ଟ୍ରାଫିକ ସମସ୍ୟା, ଦୁର୍ଘଟଣା, ରାସ୍ତା ଜବରଦଖଲ, ବେପାରୁଆ ଗାଡି ଚାଳନା ସହ ଚେକିଂକୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ବିଭାଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ରାଜପଥରେ ଅଧିକ ବ୍ଲାକସ୍ପଟ

### ଚିହ୍ନଟ ହେବ ବ୍ଲାକ୍ ସ୍ପଟ୍

ଚିହ୍ନଟ,ଫଳକ ଓ ପୋଷ୍ଟର ଉପରେ ଗୁରୁତ୍ୱ ଦିଆଯାଇଛି।ଏଣିକି ଆଉ ନିସ୍ତାର ପାଇବେ ନାହିଁ ବେପରୁଆ ଗାଡିଚାଳକ ସହ ବେଆଇନ ପାର୍କିଂ। ପୋଲିସ ଓ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ କଡା ଚେକଂ ହେବ। କୋରାପୁଟ ଓ ଜୟପୁର ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଦୁଇଟି କମିଟି ଗଠନ କରାଯାଇ ଦୁର୍ଘଟଣା ଉପରେ ରୋକ ଲଗାଇବା ନେଇ ନିଷ୍ପତି ହୋଇଛି।ବୈଠକରେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ , ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ଶ୍ରୀଯୁକ୍ତ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଜଙ୍ଗଲରେ ଶିବ ଲିଙ୍ଗ ଦେଖିବାକୁ ଭିଡ଼



ପାପଡ଼ାହାଣ୍ଡି,୧୫।୧(ସମିସ):

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ନାକଟିଗୁଡା, ପୁଞ୍ଜିଗୁଡା, କାଳିଆଗୁଡ଼ା ଗ୍ରାମର ମଧ୍ୟ ଭାଗରେ ନାଚନୀପୋଖନା ଅଞ୍ଚଳରେ ବାହାରିଥିବା ଶିବଲିଙ୍ଗରେ ଗୁରୁବାର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ଅଞ୍ଚଳର ଲୋକମାନେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ବଜାର ବସିଥିଲା । ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଧାୟକଙ୍କ ପ୍ରତିନିଧି ରଜନୀ କାନ୍ତ ସାସମଲ, ଶିବ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଅନୁଯାୟୀ କାଳିଆଗୁଡା ଗ୍ରାମର ଚନ୍ଦ୍ର ଭତରାକୁ ଗତ ଡିସେମ୍ବର ୧୨ ତାରିଖ ଦିନ ରାତ୍ର ସ୍ୱପ୍ନାଦେଶ ହୋଇଥିଲା। ତାପର ଦିନ ସକାଳୁ ଉଠି ନାଚନୀପୋଖନା ଜଙ୍ଗଲ ଯାଇଥିଲେ। ସେଠାରେ ବେଲପତ୍ର ତୋଳିବା ସମୟରେ ଶିବଲିଙ୍ଗ ଦେଖିବାକୁ ପାଇଥିଲେ । ଏହା ପରେ ଜଙ୍ଗଲରେ ଲକ୍ଷଣ ଭତରାକୁ ଦେଖି ଡାକିବା ସହ ଶିବଲିଙ୍ଗ ଆବିର୍ଭାବ ହୋଇଥିବା ଦେଖାଇଥିଲେ। ଦୁହେଁ ଟାଙ୍ଗିଆଁ ସାହାଯ୍ୟରେ ଗଛ ପତ୍ର ସଫା କରିବା ପରେ ସେହି ସ୍ଥାନକୁ ଖୋଳିବା ପରେ ଶିବଲିଙ୍ଗ ଦର୍ଶନ ମିଳିଥିଲା । ଏହା ପରେ ଅଞ୍ଚଳବାସୀକୁ ଖବର ଦେବା ପରେ ଅଞ୍ଚଳ ର ଲୋକ ପହଞ୍ଚି ଜଙ୍ଗଲ ସଫା କରିବା ସହ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ମିଞ୍ଜା, ସୁନାଡଙ୍ଗରି, ପାପଡାହାଣ୍ଡି, ପୁଞ୍ଜିଗୁଡା, କାଳିଆଗୁଡା, ନାକଟିଗୁଡା ଭଳି ଗାଁରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଶିବଲିଙ୍ଗଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ନାଚନିପୋଖାନା ଜଙ୍ଗଲକୁ ଯିବା ପାଇ କୌଣସି ରାସ୍ତା ନାହିଁ । ଚଲାପଥରେ ଯିବାଆସିବା ପାଇ ରାସ୍ତା ରହିଛି । ଜଙ୍ଗଲ ମଧ୍ୟରେ ହିଂସ୍ର ଜନ୍ତୁ ରହିଥିବା ସମ୍ଭାବନା ରହିଛ। ଶିବଲିଙ୍ଗ ଯେଉଁ ସ୍ଥାନରେ ଆବିର୍ଭାବ ହୋଇଛନ୍ତି ସେହି ସ୍ଥାନରେ ବେଲଗଛ ପରିପୂର୍ଣ୍ଣ ରହିଥିବା ଜଣାପଡ଼ିଛି।

# ଫେରାର ମହିଳାଙ୍କ ସମେତ ଦୁଇ ଗିରଫ

ଜୟପୁର, ୧୫।୧(ସମିସ): ଜୟପୁର ସଦରଥାନା ପୁଲିସ ପକ୍ଷରୁ ଦୁଇଟି ପୃଥକ ପୃଥକ ପୁରୁଣା ମାମଲାରେ ଜଣେ ମହିଳାଙ୍କ ସମେତ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗତ ୨୦୨୪ ମସିହା ନଭେମ୍ବର ୨୫ ତାରିଖରେ ମୂଳାସର ଗ୍ରାମ ଠାରେ ଏକ ଘରୋଇ ଗଣ୍ଡଗୋଳ ଏବଂ ହାତାହାତି ଏବଂ ମାରଣାସ୍ତ୍ର ନେଇ ଆକ୍ରମଣ ନେଇ ଏକ ମାମଲା ରୁଜୁ ହୋଇଥିଲେ। ଏହି ମାମଲାରେ ଉକ୍ତ ଗ୍ରାମର ବିବାହିତ ମହିଳା ଗୌରୀ ତନ୍ତୀ (୩୧)ଙ୍କ ବିରୋଧରେ ମାମଲା ରହିଥିଲା। କିନ୍ତୁ ଅଭିଯୁକ୍ତ ମହିଳା ଜଣକ ଗିରଫ ହୋଇପାରିନଥିଲେ। ଆଜି ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ଗତ ୨୦୨୦ ମସିହାରେ ଏକ ଗଣ୍ଡଗୋଳରେ ମରଣାନ୍ତକ ଆକ୍ରମଣ ମାମଲାରେ ସ୍ଥାନୀୟ କୁମ୍ଭାରପୁଟ ଗ୍ରାମର ଫେରାର ଅଭିଯୁକ୍ତ ଧନୁର୍ଜ୍ୟୟ କୁମ୍ଭାର (୨୫)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଉଭୟ ମାମଲାରେ ତଦନ୍ତକାରୀ ଅଧିକାରୀ ଭାବେ ଏଏସଆଇ ପଙ୍କଜିନୀ ଶବର ଏବଂ ବିଦ୍ୟାଧର ମାଝି ଉଭୟଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଶିଶୁ ମନ୍ଦିର କବାଟ ଭାଙ୍ଗି ଲୁଟି ନେଲେ ଟଙ୍କା, କମ୍ପ୍ୟୁଟର

ନାରାୟଣପାଟଣା,୧୫।୧(ସମିସ): ନାରାୟଣପାଟଣା ବ୍ଲକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଗତକାଲି ରାତିରେ କିଛି ଦୁର୍ବୃତ୍ତ କବାଟ କାଟି ଆଲମିରାରେ ଥିବା ଟଙ୍କା ସହ କମ୍ପ୍ୟୁଟର, ଟିଭି ଲୁଟି ନେଇଛନ୍ତି। ଏନେଇ ଶିଶୁ ମନ୍ଦିର ପରିଚାଳନା କମିଟି ଓ ପ୍ରଧାନ ଆଚାର୍ଯ୍ୟ ଥାନାକୁ ଯାଇ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତରଫରୁ ଛାନ୍‌ଭିନ ଆରମ୍ଭ କରାଯାଇଛି। ଗତକାଲି ଛୁଟି ଥିବାରୁ ରାତିରେ ଅଫିସ କାର୍ଯ୍ୟାଳୟର କବାଟକୁ କଟରରେ କାଟି ଭିତରେ ପଶି ଆଲମିରାରେ ଥିବା ଛାତ୍ରଛାତ୍ରୀଙ୍କ ୪୫ ହଜାର ଅନୁଦାନ ଅର୍ଥ ସହ ଏକ କମ୍ପୁଟର ଟିଭିକୁ ଲୁଟି ନେଇଛନ୍ତି। ଆଗକୁ ବାର୍ଷିକ ଉତ୍ସବ ପାଇଁ ଅବିଭାବକ ଛାତ୍ରଛାତ୍ରୀଙ୍କ ଆଡ଼ମିଶନ ଫି, ବାର୍ଷିକ ଉତ୍ସବର ଫି ସବୁ ଏକ ଡବାରେ ଭର୍ତ୍ତି କରି ଆଲମିରାରେ ରଖାଯାଇଥିଲା। କିଛି ଚାବିକାଠି ସହ ନୂଆ କମ୍ପ୍ୟୁଟର ଟିଭିକୁ କାଟି ନେଇ ଯାଇଛନ୍ତି। ଗତ କିଛି ଦିନ ହେବ ନାରାୟଣପାଟଣାରେ ବିଭିନ୍ନ ସ୍ଥାନରେ ଚୋରି ବଢ଼ିଚାଲିଛି। ଗତ ମାସ ବାଲିପେଟାରେ ଏକ ବ୍ୟବସାୟୀଙ୍କ ଘରେ ପଶି ଦୁର୍ବୃତ୍ତ ୧୫ ଲକ୍ଷ ନଗଦ ଟଙ୍କା ଚୋରି କରି ନେଇଯାଇଥିଲେ। ଏଥିସହ ଦମକଳ କେନ୍ଦ୍ରର ସରକାରୀ ବାସ ଭବନରେ ବି ବିଗତ ଦିନରେ କିଛି ଚୋର ଦଳ ପଶି ଚୋରି କରିବାକୁ ଉଦ୍ୟମ କରିଥିଲେ। ପାଲପୁଟର ଏକ ବ୍ୟବସାୟୀଙ୍କ ଘରେ ବି ଚୋର ଦଳ ପଶି ଲୁଟ୍ କରିବାକୁ ଉଦ୍ୟମ କରିଥିବା ବେଳେ କୁକୁର ଭୋକିବାରୁ ଦୌଡ଼ି ପଳେଇଥିଲେ। ଚଳିତ ସପ୍ତାହରେ ସହର ପରିସରରେ ପୁରୁଣା ଥାନାରେ ଏକ ନୂତନ ବିଟ୍ ହାଉସ୍ ଖୋଲିବା ପରେ ସୁରକ୍ଷା ଦିଗରେ ଚିନ୍ତା କରିଥିଲା ବିଭାଗ। ବାରମ୍ବାର ଚୋରି ବଢ଼ିଚାଲିଥିବାରୁ ପୋଲିସର କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ କରି ହାତ ଟେକି ବସିବା ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଆବଶ୍ୟକ ପୁଲିସ ଷ୍ଟାଫ୍ ନଥିବାରୁ ପାଟ୍ରୋଲିଂ ସତ୍ତ୍ୱେ ଚୋରି ହେଉଥିବାରୁ ସାଧାରଣ ଜନତା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗତ କିଛି ଦିନ ହେବ ଏକ ଚୋର ଦଳର ରାକେଟ୍ ଗାଁରେ ବୁଲୁଥିବା ପୁଲିସ ସୂଚନା ପାଇବା ପରେ ଚୋର ଗ୍ୟାଙ୍ଗକୁ ଧରିବାକୁ ଜାଲ ବିଛେଇ ଥିବା ଜଣା ପଡିଛି। ଆଗକୁ ଯେପରି କାହାର ଧନ ହାନି ନହୁଏ ,ଲୋକେ ସୁରକ୍ଷିତ ରହିବେ ସେ ଦିଗରେ ପୁଲିସ ସଜାଗ ରହିଥାବା ବିଭାଗ ତରଫରୁ ସୂଚନା ମିଳିଛି।

# ଆରଏସ୍‌ଏସ୍ ନେତାଜୀ ପ୍ରଭାତ ଶାଖାର ମକର ସଂକ୍ରାନ୍ତି

ନନ୍ଦପୁର, ୧୫।୧ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ନେତାଜୀ ପ୍ରଭାତ ଶାଖା, ନନ୍ଦପୁର ତରଫରୁ ଆଜି ସ୍ଥାନୀୟ ନେତାଜୀ ପଡ଼ିଆରେ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ଇଂରାଜୀ ବିଭାଗର ପ୍ରଫେସର ଡା. ପ୍ରସନ୍‌ଜିତ ଚିନ୍‌ହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମକର ସଂକ୍ରାନ୍ତୀର ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଶାଖା କାର୍ଯ୍ୟବାହ ଏନ୍. ପ୍ରସାଦ ଦାସ, ଶାରୀରିକ ପ୍ରମୁଖ କେ. ଶଙ୍କର ପାତ୍ର, ଖଣ୍ଡ ବ୍ୟବସ୍ଥା ପ୍ରମୁଖ ରବୀନ୍ଦ୍ର ଚୌଧୁରୀ ସହ ଅନ୍ୟାନ୍ୟ ସଂଘ ସେବକମାନେ ଉପସ୍ଥିତ ଥିଲେ। ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଶାଖାର ସାମୂହିକ ପ୍ରାର୍ଥନା, ଶାରୀରିକ ଅଭ୍ୟାସ ଓ ସଂଘ ଶିକ୍ଷାକ୍ରମ ମାଧ୍ୟମରେ ଶିଷ୍ଟାଚାର, ସଂଗଠନ ଓ ରାଷ୍ଟ୍ରଭକ୍ତିର ବାର୍ତ୍ତା ପ୍ରସାରିତ କରାଯାଇଥିଲା।

# କୋରିୟର କାର୍ଯ୍ୟାଳୟରେ ଚୋରି ; କର୍ମଚାରୀ ଗିରଫ

ଜୟପୁର,୧୫ ।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନ୍ ଥାନା ପୁଲିସ ପକ୍ଷରୁ ସ୍ଥାନୀୟ ଆଦର୍ଶ ନଗରର ଠାରେ ରହିଥିବା ବ୍ଲୁ-ଡାର୍ଟ କୋରିୟରରେ ଚୋରି ଅଭିଯୋଗରେ ଉକ୍ତ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଗିରଫ କରାଯାଇ କୋର୍ଟ ଚଲାଣ କରଯାଇଛି। ଗିରଫ ଅଭିଯୁକ୍ତ କର୍ମଚାରୀ ମାଛକୁଣ୍ଡ ଥାନା ସାଇଲପଡା ଗ୍ରାମର ମହେନ୍ଦ୍ର ପାଙ୍ଗୀ (୨୫)। ଅଭିଯୁକ୍ତଙ୍କ ନିକଟରୁ କୋରିୟର କାର୍ଯ୍ୟାଳୟର ୩ଟି କମ୍ପ୍ୟୁଟର ମନିଟର, ୨ଟି ନୂଆ ମୋବାଇଲ ଫୋନ, ଗୋଟିଏ ପ୍ରିଣ୍ଟର, ୨ଟି ଡ୍ରୋନ ସିସି କ୍ୟାମେରା, ଗୋଟିଏ ବୁଲେଟ ସିସି କ୍ୟାମେରା ଏବଂ ଗୋଟିଏ ବଡ କୋରିୟର ବ୍ୟାଗ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗତ ୧୨ ତାରିଖ ରାତିରେ ବ୍ଲୁ ଡାର୍ଟ କୋରିୟର କାର୍ଯ୍ୟାଳୟର ତାଲା ଭାଙ୍ଗି ଚୋରି ହୋଇଥିବା ନେଇ କୋରିୟର ଶାଖାମୁଖ୍ୟ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିନେଇ ଟାଉନଥାନା ଏସ.ଆଇ ସିଦ୍ଧାନ୍ତ ବେହେରା ତଦନ୍ତ ଆରମ୍ଭ କରିବା ସହିତ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଅଭିଯୁକ୍ତ ମହେନ୍ଦ୍ର ଉପରେ ସନ୍ଦେହ ହେବାରୁ ତାଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ଚୋରି କରିଥିବା ନେଇ ସ୍ୱୀକାର କରିଥିଲେ ଏବଂ ତାଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଥିବା ନେଇ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

# ଉନ୍ନୟନ କାର୍ଯ୍ୟରେ ନନ୍ଦପୁରକୁ ଅବହେଳା; ନୂଆ ବସ୍‌ଷ୍ଟାଣ୍ଡ କେବେ?

ନନ୍ଦପୁର, ୧୫।୧ (ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ପୁରୁଣା ରାଜଧାନୀ ନନ୍ଦପୁରକୁ ସବୁବେଳେ ଅବହେଳା କରାଯାଉଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ମନ୍ଥର ଗତିରେ କରାଯାଉଥିବା ବେଳେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣରେ ମଧ୍ୟ ପାତରଅନ୍ତର ନୀତି ଅବଲମ୍ବନ କରାଯାଇଛି। କେବଳ ଜମି ମାପ ଅବସ୍ଥାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସୀମିତ ରହିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗତ ଦୁଇ ବର୍ଷରୁ ଅଧିକ ସମୟ ହେଲା ନନ୍ଦପୁର ସଦର ମହକୁମାରେ ସରକାରୀ ବସ୍‌ଷ୍ଟାଣ୍ଡ ନିମନ୍ତେ ଜମି ମାପ ହୋଇଥିଲା। କିନ୍ତୁ ନିର୍ମାଣ କାର୍ଯ୍ୟ ହୋଇନାହିଁ। ସୋମବାର ପଡୋଶୀ ବ୍ଲକ ଲମତାପୁଟ ବ୍ଲକ୍ ରେ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପିତ ଶେଷ ହୋଇଛ। ଏଥିରୁ ନନ୍ଦପୁରକୁ ଅବହେଳା କରାଯାଉଥିବା ଲୋକେ ଅଭିଯୋଗ କରୁଛନ୍ତି। ସେହିପରି ନନ୍ଦପୁରରେ ଗତ ତିନି ବର୍ଷରୁ ଅଧିକ ସମୟ ହେଲା ମେଗା ପାନୀୟ ଜଳ ପ୍ରକଳ୍ପ ଅର୍ଦ୍ଧ ନିର୍ମାଣ ଅବସ୍ଥାରେ ରହିଛି। ସେହିପରି ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କାର୍ଯ୍ୟ ମଧ୍ୟ କଚ୍ଛପ ଗତିରେ ଚାଲୁଛି। କାହିକି ଓ କଣ ପାଇଁ ନନ୍ଦପୁର ସଦର ମହକୁମାରେ ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ପାରୁନାହିଁ ତାହା ପ୍ରଶ୍ନବାଚୀ ଉଠିବା ସ୍ୱାଭାବିକ। ଆଉ ଏକ ବିଡମ୍ବନାର ବିଷୟ ହେଲା ଗତବର୍ଷ ନନ୍ଦପୁର ଠାରୁ ଆସିକାକୁ ବସ୍ ସେବା ଆରମ୍ଭ ହୋଇଥିବା ବେଳେ ଏହି ଖୁସି ବେଶି ଦିନ ନନ୍ଦପୁରବାସୀଙ୍କ ଭାଗ୍ୟରେ ନଥିଲା। ଦୁଇ ମାସ ହେବ ଏହି ବସ୍ ସେବା ବନ୍ଦ ହୋଇ ଯାଇଛି । ଏଥି ପାଇଁ ଦାୟୀ କିଏ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା କହିଛନ୍ତି, ରାଜନୀତିକ ଉଦ୍ଦେଶ୍ୟ ରଖି ବିଜେପି ସରକାର ପାତରଅନ୍ତର କରି ନନ୍ଦପୁର ବ୍ଲକ୍‌ରେ ବସ୍‌ଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ କରିଛନ୍ତି। ସେପଟେ ନନ୍ଦପୁର ଅବ୍ୟବସ୍ଥା ପାଇଁ ଦାୟୀ କିଏ ପ୍ରଶ୍ନର ଉତ୍ତର ରଖି ପୂର୍ବତନ ସରପଞ୍ଚ ସେକ୍ ଗୋଫୁର ପ୍ରଥମେ ନିଜକୁ ଦାୟୀ ବୋଲି କହି ରାଜନୈତିକ ଇଚ୍ଛା ଶକ୍ତି ଅଭାବ ବୋଲି କହିଛନ୍ତି। ଅନ୍ୟପଟେ ଆଦିବାସୀ ଯୁବ ନେତା ପ୍ରଭାତ ଗୁରୁମାର ଏକା ସ୍ୱରରେ ସ୍ଥାନୀୟ ପ୍ରଶାସନ, ନେତା, ଲୋକଙ୍କ ସଚେତନତାର ଅଭାବ ଯୋଗୁ ଏପରି ହୋଇଛି ବୋଲି ମତ ପୋଷଣ କରିଛନ୍ତି।

ଉଲ୍ଲେଖଯୋଗ୍ୟ, କୋରାପୁଟ ଇତିହାସରେ ନନ୍ଦପୁରର ସ୍ୱତନ୍ତ୍ର ପରିଚୟ ରହିଛି। ରାଜା ରାଜୁଡ଼ା ସମୟରେ ଭୌଗଳିକ ଦୃଷ୍ଟିରୁ ନନ୍ଦପୁର ରାଜା ଜୟପୁରରେ ତାଙ୍କର ସାମ୍ରାଜ୍ୟ ବିସ୍ତାର କଲେ । ହେଲେ ଆଜିର ଦିନରେ ପୁରୁଣା ରାଜଧାନୀ ନନ୍ଦପୁର ଉନ୍ନତି ମାର୍ଗପଥରେ ଛିଡା ହୋଇ ପାରିନାହିଁ । ଧୀରେ ଧୀରେ ନନ୍ଦପୁର ତାର ଗୌରବ ଗାରିମା ହରାଇବାକୁ ବସିଛି। କୋରାପୁଟ ଜିଲ୍ଲାର ଦ୍ୱିତୀୟ ବୃହତ୍ ବ୍ଲକ୍ ଭାବେ ନନ୍ଦପୁର ବ୍ଲକ୍‌ରେ ୨୩ ଗୋଟି ଗ୍ରାମପଞ୍ଚାୟତ ରହିଛି। ତତ୍ ସହିତ ନନ୍ଦପୁର ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ , ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରହିଛି। ଦୈନିକ ଶହ ଶହ ଲୋକ ନନ୍ଦପୁରକୁ କୌଣସି ନା କୌଣସି କାମ ପାଇଁ ଆସିଥାନ୍ତି। କିନ୍ତୁ ନନ୍ଦପୁରରେ ଯାତ୍ରୀମାନଙ୍କ ପାଇଁ ବିଶେଷ ସୁବିଧା କରାଯାଉନାହିଁ।

# ବାଲିମେଳା ଓ ତାରଲାକୋଟାରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ



କୋରୁକୋଣ୍ଡା,୧୫ ।୧(ସମିସ):

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ବାଲିମେଳା ସହର ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାଗିରଥି ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇ, କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀ, ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଏକ ଛୋଟ ମେଳା ଆୟୋଜିତ ହୋଇଥିବା ବେଳେ ମେଳାର ଉଦଘାଟନ କରିଥିଲେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଖିଲ। ଭିଜନ ୨୦୩୬ ମସିହାକୁ ଆଖି ଆଗରେ ରଖି ମୋ ସ୍ୱପ୍ନର ଓଡିଶା କେଉଁ ସ୍ତରକୁ ଯାଇଥିବ, ଶିକ୍ଷା ବ୍ୟବସ୍ଥାରେ କଣ ଉନ୍ନତି ହୋଇଥିବ ତାର ଅନୁମାନ ନେଇ ଏକ ଆକାଂକ୍ଷୀ ମେଳା ମଧ୍ୟ ଆୟୋଜନ ହୋଇଥିଲା। ସମସ୍ତ ପ୍ରକାର ଛୋଟ ଛୋଟ ଦୋକାନ ବଜାର ମାନ ଗଢି ଉଠିଥିଲା। ଛାତ୍ର ଛାତ୍ରୀ ମାନେ ଏହି ମେଳା ମାଧ୍ୟମରେ ବିଭିନ୍ନ ସାମଗ୍ରୀ ବିକ୍ରୟ କରିଥିଲେ। ୪ଟି କ୍ଲବ ନିର୍ମାଣ କରାଯାଇ ବିଭିନ୍ନ ଶିକ୍ଷଣୀୟ ଷ୍ଟଲ ମାନ ମଧ୍ୟ ଗଢି ଉଠିଥିଲା। ଆଇଟି ବିଭାଗ ଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା ଗଣିତ ଶାସ୍ତ୍ର ଆଦି ବିଭିନ୍ନ ଷ୍ଟଲ ଗୁଡିକ ଉପସ୍ଥିତ ଅତିଥି ମାନେ ବୁଲି ଦେଖିଥିଲେ। ବାଲିମେଳା ସହରରେ ଥିବା ୧୫ ଗୋଟି ସ୍କୁଲର ବହୁ ଛାତ୍ରଛାତ୍ରୀ ନିଜ ନିଜ ଗାଇଡ୍ ଶିକ୍ଷକ ମାନଙ୍କ ସହ ଆସି ଏହି ଷ୍ଟଲ ବୁଲିବା ସାଙ୍ଗ କୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଉପଭୋଗ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାମାଜିକ ବାର୍ତ୍ତାକୁ ନେଇ ଡ୍ରାମା ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁଶିଳା ହିଆଲ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ସରୋଜ ନାୟକ। ବିଦ୍ୟାଳୟ ପକ୍ଷରୁ ପିଲାମାନଙ୍କ ନିମନ୍ତେ ଏକ ସେଲଫି ପଏଣ୍ଟ ମଧ୍ୟ ଆୟୋଜନ କରାଯାଇଥିଲା। ଯେଉଁଠାରେ କି ଆସିଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ସହାୟକ ଶିକ୍ଷକ ମାନଙ୍କ ଫୋନରୁ ଫଟୋ ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଥିଲା। ଚଳିତ ମାସ ୨୩ ଏବଂ ୨୪ ତାରିଖରେ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ମାଲକାନଗିରି ଠାରେ ଆୟୋଜିତ ହେବ। ଆଜିର କାର୍ଯ୍ୟକ୍ରମରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପିଏମଶ୍ରୀ ଉତ୍ସବରେ ଅଂଶଗ୍ରହଣ କରିବା ସହ ୧୦ ହଜାର ଟଙ୍କା ଉକ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବେହେରା କହିଥିଲେ। ସେହିପରି କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାରଲାକୋଟା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଏହି ଉତ୍ସବର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀ, ସମ୍ମାନିତ ଅତିଥି ଭାବେ ମଣିଶଙ୍କର ମଜୁମଦାର, ପୂର୍ବତନ ସରପଞ୍ଚ ତଥା ବିଦ୍ୟାଳୟ କମିଟି ସଭାପତି ସୋମନାଥ ବାରସେ, ସରପଞ୍ଚ ସନାରୀ ଖିଲ, ପ୍ରକାଶ ମଜୁମଦାର ପ୍ରମୁଖ ମଞ୍ଚାସୀନ ଥିଲେ। ସମଗ୍ର କାର୍ଯ୍ୟକ୍ରମ ପରିଚାଳନା ସମେତ ମଞ୍ଚ ପରିଚାଳନା କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମଞ୍ଜରୀ କୁରୁ। ଭିଜନ ୨୦୩୬ ମସିହାକୁ ଆଖିଆଗରେ ରଖି ଶିକ୍ଷା ବ୍ୟବସ୍ଥାର ଚିତ୍ର ଭବିଷ୍ୟତରେ କଣ ରହିବ ସେନେଇ ବିଭିନ୍ନ ଷ୍ଟଲ ମାଧ୍ୟମରେ ଛାତ୍ରଛାତ୍ରୀ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ନିମନ୍ତେ ସ୍ଥାନୀୟ ଅଞ୍ଚଳର ବହୁ ଲୋକଙ୍କ ଭିଡ଼ ଜମିଥିଲା।

## ● ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ବୈଠକ

# ଫେବୃଆରୀ ୨୮ ରୁ ସ୍ୱତନ୍ତ୍ର ଅଧିବେଶନ




ଜୟପୁର, ୧୫ ।୧(ସମିସ): ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ଏକ ସ୍ୱତନ୍ତ୍ର ବୈଠକ ଆଜି ସ୍ଥାନୀୟ ଖାଲସାହି ହରିଶ୍ଚନ୍ଦ୍ର ପାର୍କ ପରିସରରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶାଖାର ଉପସଭାପତି ରାଜେନ୍ଦ୍ର କୁମାର ଗୌଡ ସଭାପତିତ୍ୱ ଏହି ବୈଠକରେ ୭ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟତଃ ଜୟପୁର ଠାରେ ଆସନ୍ତା ଫେବୃଆରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ହେବାକୁ ଥିବା ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନକୁ କିଭଳି ଶୃଙ୍ଖଳିତ ଏବଂ ସୁସଂଗଠିତ ଢଙ୍ଗରେ କରାଯିବ ସେ ନେଇ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଥିଲା। ଏନେଇ ବିଭିନ୍ନ ସ୍ଥାନକୁ ପତ୍ର ପ୍ରେରଣ, ଅତିଥିଙ୍କ ପାଇଁ ଆତିଥେୟତା ବ୍ୟବସ୍ଥା, ସଭ୍ୟ ସଂଗ୍ରହ ଉପରେ ଆଲୋଚନା କରାଯାଇଥିଲା। ଶାଖାର ବ୍ୟାଙ୍କ ଆକାଉଣ୍ଟ ସୁପରିଚାଳନା ପାଇଁ ସଂପାଦକ ନବୀନ ମାଦଳାଙ୍କୁ ଦାୟିତ୍ୱ ପ୍ରଦାନ ସହ ଅଧିବେଶନ ପାଇଁ ସ୍ୱତନ୍ତ୍ର ଚିଠାକୁ ଉନ୍ମୋଚନ କରାଯାଇଥିଲା। ବୈଠକରେ ରାଜ୍ୟ ପରିଷଦ ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ସଂଗଠନ ସଂପାଦକ ପରମେଶ୍ୱର ପାତ୍ର, କୃଷ୍ଣଚନ୍ଦ୍ର ହୋତା, ଚନ୍ଦ୍ରମଣି ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଯୁଗ୍ମ ସଂପାଦକ ଚନ୍ଦ୍ରକାନ୍ତ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

